ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.147 Bhubaneswar Tuesday July 26 2022 | ୨୫ତମ ବର୍ଷ ସଂଖ୍ୟା-୧୪୭ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଚିଟଫଣ୍ଡ ଦୁର୍ନୀତିରେ ୧୮୯ ଅଭିଯୁକ୍ତ, ଜେଲରେ ମାତ୍ର ୨୪: ସି-ସୋର, ଅର୍ଥତତ୍ତ୍ୱକୁ ଭୁଲି ଗଲେ

ଭୁବନେଶ୍ୱର,୨୫।୭(ପି.ଏନ) : ରାଜ୍ୟରେ ପ୍ରାୟ ୨୦ହଜାର କୋଟି ଟଙ୍କାର ଚିଟଫଣ୍ଡ ଦୁର୍ନୀତି ଲୋକଲୋଚନକୁ ଆସିବାର ଏକ ଦଶନ୍ଧିରୁ ଅଧିକ ସମୟ ହେଲାଣି, କିନ୍ତୁ ସରକାରୀ ଉଦାସୀନତା ଓ ତଦନ୍ତକାରୀ ଏଜେନ୍ସିର ଅବହେଳା ଯୋଗୁ କ୍ଷତିଗ୍ରସ୍ତ ଜମାକାରୀ ନିଜର ସଂଚିତ ଅର୍ଥ ଫେରିପାଉନି କି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ସମ୍ଭବପର ହୋଇପାରୁନି ।ରାଜ୍ୟରେ ଚିଟଫଣ୍ଡ ଦୁର୍ନୀତିରେ ମୋଟ ୧୮୯ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୨୪ଜଣ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି । ତଦନ୍ତକାରୀ ଏଜେନ୍ସିର କୋହଳ ଆଭିମୁଖ୍ୟ ଯୋଗୁ ଗରିବ ଲୋକଙ୍କ କୋଟି କୋଟି ଟଙ୍କାର ସଂଚିତ ଅର୍ଥକୁ ଲୁଟ୍ କରିଥିବା ଲୁଟେରାମାନେ ଏବେ ବେଧଡକ ଅୟସରେ ରହିଥିବା ଜଣାପଡିଛି । ସି-ସୋର ଓ ଅର୍ଥତତ୍ତ୍ୱ ଗ୍ରୁପ୍ ସହ ଶାସକ ବିଜେଡିର ସମ୍ପୃକ୍ତି ଥିବାବେଳେ ଏହି ଦୁଇ କମ୍ପାନୀ ରାଜ୍ୟରୁ ଲୁଟ୍ କରିଥିବା ପ୍ରାୟ ଦୁଇ ହଜାର କୋଟି ଟଙ୍କାରୁ ଅଧିକ ସମ୍ପତ୍ତିକୁ ଏପର୍ଯ୍ୟନ୍ତ ଠାବ କରିବାରେ ତଦନ୍ତକାରୀ ଏଜେନ୍ସୀ ସକ୍ଷମ ହୋଇପାରିନଥିବା ଜଣାପଡିଛି । ଏପରିକି ୬୪ଟି ଚିଟଫଣ୍ଡ କମ୍ପାନୀର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ ନିମନ୍ତେ ୮୨ଟି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇଥିବାବେଳେ ସେଥିରୁ ମାତ୍ର ୨୮ଟି ମାମଲାରେ ସରକାର ଅନ୍ତରୀଣ କୋରଖ ଆଦେଶକୁ କୋର୍ଟ କାଏମ ରଖିଛନ୍ତି ।ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଜି ବିଧାନସଭାରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ରାଜ୍ୟ ଅର୍ଥନୀତିକ ଅପରାଧ ଶାଖା ଦ୍ୱାରା ଚିଟଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ୧୮୯ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି । ସେମାନଙ୍କ ମଧ୍ୟରୁ ଏବେ ୨୪ଜଣ ଅଭିଯୁକ୍ତ ବିଚାରବିଭାଗୀୟ ହେପାଜତରେ ଅଛନ୍ତି । ରାଜ୍ୟ ଅର୍ଥନୀତିକ ଅପରାଧ ଶାଖା, ଜିଲ୍ଲା ପୁଲିସ ଅଧିକାରୀ ଓ ଅନ୍ୟାନ୍ୟ ତଦନ୍ତକାରୀ ଏଜେନ୍ସୀ ଦ୍ୱାରା ଚିଟଫଣ୍ଡ ଦୁର୍ନୀତିର ତଦନ୍ତ ପ୍ରକ୍ରିୟା ଚାଲୁଅଛି । କେତେକ ସଂସ୍ଥା ବିରୁଦ୍ଧରେ ମାମଲା ବିଭିନ୍ନ ନ୍ୟାୟାଳରେ ବିଚାରାଧୀନ ଅଛି । ତେଣୁ ଏବେ ଚିଟଫଣ୍ଡ ଦୁର୍ନୀତି ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ସମ୍ଭବପର ନୁହେଁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ଅବଶ୍ୟ ଓପିଆଇଡି ଆକ୍ଟ ଅନୁସାରେ ରୋଜଭ୍ୟାଲି କମ୍ପାନୀର ସମ୍ପତ୍ତିକୁ ବାଜ୍ୟାପ୍ତି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି କମ୍ପାନୀରେ ମୋଟ ୨ଲକ୍ଷ ୩୮ହଜାର ୪୭୭ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଜମାରାଶି ସମ୍ପୃକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ ପ୍ରକ୍ରିୟା ଚାଲୁଅଛି ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି ।ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ରାଜ୍ୟ ସରକାର ଦେଇଥିବା କୋରଖ ଆଦେଶକୁ କୋର୍ଟ କାଏମ ରଖିବା ପରେ କୋର୍ଟଙ୍କ ଆଦେଶ ଅନୁସାରେ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ କମ୍ପାନୀ, ହାଇଟେକ୍ ଇଷ୍ଟେଟସ ଓ ପ୍ରମୋଟର୍ସ, ରାଜଧାନୀ ସିଷ୍ଟମ ଓ ଇଷ୍ଟେଟସ ପ୍ରମୋଟର୍ସର ଜମାକାରୀଙ୍କଠୁ ଅନଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଏବେ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀର ଜମାକାରୀମାନେ ଦାଖଲ କରିଥିବା ଆବେଦନର ସତ୍ୟାସତ୍ୟ ଯାଂଚ ଓ ପ୍ରକୃତ ଜମାକାରୀ ଚିହ୍ନଟ ନିମନ୍ତେ ତହସିଲୱାରି ପ୍ରତ୍ୟେକ ପଂଚାୟତସ୍ତରରେ ୩ଜଣିଆ କ୍ଷେତ୍ରୀୟ ତଦନ୍ତ ଟିମ୍ ଦ୍ୱାରା ଯାଂଚ ପ୍ରକ୍ରିୟା ଚାଲୁଛି । ଅନ୍ୟ ଦୁଇ କମ୍ପାନୀ ହାଇଟକ୍ ଇଷ୍ଟେଟସ ଓ ରାଜଧାନୀ ସିଷ୍ଟମର ପ୍ରକୃତ ଜମାକାରୀଙ୍କୁ ଚିହ୍ନଟ ପାଇଁ ଖୁବଶୀଘ୍ର କ୍ଷେତ୍ରୀୟ ତଦନ୍ତ ଆରମ୍ଭ କରାଯିବ । ପ୍ରକୃତ ଜମାକାରୀଙ୍କୁ ଚିହ୍ନଟ ପରେ ସେମାନଙ୍କର ବାସ୍ତବ ଜମାରାଶିକୁ ସମ୍ପୃକ୍ତ କମ୍ପାନୀର ବାଜ୍ୟାପ୍ତି ସମ୍ପତ୍ତିରୁ ମିଳିଥିବା ଅର୍ଥରୁ ଫେରସ୍ତ କରାଯିବ । ଏହାବ୍ୟତୀତ ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ୩୦୦କୋଟି ଟଙ୍କାର ଏକ କରପସ ପାଣ୍ଠି ଗଠନ କରିଛନ୍ତି । ଜଷ୍ଟିସ ମଦନ ମୋହନ ଦାସ କମିଶନଙ୍କଠୁ ପ୍ରଥମ ପର୍ଯ୍ୟାୟରେ ମିଳିଥିବା ସଠିକ୍ ସତ୍ୟପାଠର ଯାଂଚ ଓ ଶୁଣାଣି ପରେ ସେ ପ୍ରଦାନ କରିଥିବା ୭ଟି ଅନ୍ତରୀଣ ରିପୋର୍ଟର ସୁପାରିଶ ଆଧାରରେ କ୍ଷେତ୍ରୀୟ ତଦନ୍ତ ପରେ ଚିହ୍ନଟ ହୋଇଥିବା ପ୍ରକୃତ କ୍ଷୁଦ୍ର ଜମାକାରୀଙ୍କୁ ତାଙ୍କର ବାସ୍ତବ ଜମାରାଶି ଉକ୍ତ କର୍ପସ ପାଣ୍ଠିରୁ କ୍ଷତିପୂରଣ ଆକାରରେ ପ୍ରଦାନ ପ୍ରକ୍ରିୟା ଜାରି ରହିଛି ।ସେହିପରି ୬୪ଟି ଚିଟଫଣ୍ଡ କମ୍ପାନୀର ସମ୍ପତ୍ତି ବାଜ୍ୟାପ୍ତି ନିମନ୍ତେ ୮୨ଟି ପ୍ରସ୍ତାବ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଥିବାବେଳେ ସେଥିରୁ ୨୮ଟି ମାମଲାରେ ସରକାରଙ୍କ ଅନ୍ତରୀଣ କୋରଖ ଆଦେଶକୁ କୋର୍ଟ କାଏମ ରଖିଛନ୍ତି । ୩୭ଟି ଚିଟଫଣ୍ଡ କମ୍ପାନୀର ବାକି ୫୪ଟି ମାମଲା ଏବେବି କୋର୍ଟଙ୍କ ବିଚାରାଧୀନ ରହିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ତେବେ ତଦନ୍ତକାରୀ ଏଜେନ୍ସୀଗୁଡିକର ଖାମଖିଆଲ ନୀତି ଓ ବିଜେଡି ନେତାମାନଙ୍କର କେଳେଙ୍କାରୀ ପଦାରେ ପଡିବା ଭୟରେ ଏବେ ଚିଟଫଣ୍ଡ ତଦନ୍ତ ବାଟବଣା ହୋଇଛି ଓ କ୍ଷତିଗ୍ରସ୍ତ ଜମାକାରୀ ନିଜର ନିଜ କଷ୍ଟଲବ୍ଧ ଅର୍ଥକୁ କେବେ ଫେରିପାଇବେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

## ଦୁର୍ନୀତି ପାଇଁ ୨ ବର୍ଷରେ ୪୦ଜଣଙ୍କୁ ଚାକିରିରୁ ବିଦା



ଭୁବନେଶ୍ୱର,୨୫।୭(ପି.ଏନ): ରାଜ୍ୟରେ ଦୁର୍ନୀତି ଅଭିଯୋଗରେ ଗତ ୨ବର୍ଷ ମଧ୍ୟରେ ୪୦ଜଣ ସରକାରୀ କର୍ମଚାରୀଙ୍କୁ ନିଜ ଚାକିରି ହରାଇବାକୁ ପଡିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ।ବିଧାୟକ ଭୂପିନ୍ଦର ସିଂଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଗତ ୨୦୨୦ ଓ ୨୦୨୧ ମସିହାରେ ଭିଜିଲାନ୍ସ ବିଭାଗ ଦ୍ୱାରା ମୋଟ ୩୮୯ଟି ଚ?ଉ ହୋଇଛି । ସେଥିରୁ ୨୦୧ଟି କେସ୍ ପୀଡିତ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ହୋଇଥିବାବେଳେ ୧୮୫ଟି କେସ୍ ଭିଜିଲାନ୍ସ ବିଭାଗ ନିଜଆଡୁ ଦାଖଲ କରି ଚ?ଉ କରିଥିଲା । ଏହା ଭିତରୁ ୪୦ଜଣ ଚାକିରି ହରାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ପୂର୍ବରୁ ଗୃହରେ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଚଳିତବର୍ଷ ଏପର୍ଯ୍ୟନ୍ତ ୨୬୭ଟି ଅପରାଧିକ ମାମଲା ୪୭୫ଜଣଙ୍କ ବିରୁଦ୍ଧରେ ହୋଇଛି । ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ୩୭୩ଟି ତଦନ୍ତ ମାମଲା ଆରମ୍ଭ ହୋଇଛି । ମୋଟ ୨୭୨ଜଣ ଅଭିଯୁକ୍ତଙ୍କୁ ଭିଜିଲାନ୍ସ ଗିରଫ କରିଛି ।

## ହୀରାକୁଦ କେନାଲରେ ୨୦ ଫୁଟର ଘାଇ

ସୋନପୁର, ୨୫।୭(ପି.ଏନ): ହୀରାକୁଦ କେନାଲରେ ସୃଷ୍ଟି ହୋଇଛି ୨୦ ଫୁଟର ଘାଇ । ସୋନପୁର ଜିଲ୍ଲା ବିନିକା ବ୍ଲକ ମେଘଲା ପଚାଂୟତ ଅନ୍ତର୍ଗତ ସାହାଜବାହାଲ ଗାଁ ନିକଟରେ ଏହି ଘାଇ ହୋଇଛି । ଫଳରେ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହୋଇଛି ।ସୂଚନା ଅନୁଯାୟୀ, ଗତକାଲି ରାତିରେ ସାହଜବାହାଲ ଗାଁ ଦେଇ ଯାଇଥିବା ହୀରାକୁଦ କେନାଲରେ ଏକ ୨୦ ଫୁଟର ଘାଇ ସୃଷ୍ଟି ହୋଇଛି । ତେବେ କେନାଲରେ ଅଧିକ ମାତ୍ରାରେ ପାଣି ଛଡାଯାଉଥିବାରୁ ଏହି ଦୁର୍ବଳ ସ୍ଥାନରେ ଘାଇ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି । ଯାହାଫଳରେ କେନାଲ ଭାଙ୍ଗି ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇଛି । ଯଦ୍ୱାରା ବ୍ୟାପକ ଧାନ ଫସଲ ନଷ୍ଟ ହେବା ଆଶଙ୍କା କରି ଚିନ୍ତାରେ ପଡିଛନ୍ତି ଚାଷୀ । ଅନ୍ୟପକ୍ଷରେ ଏ ସମ୍ପର୍କରେ ଖବର ପାଇ ଜଳସେଚନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ କେନାଲ ମରାମତି ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ।

## ଦ୍ରୌପଦୀ ମୁର୍ମୁଙ୍କ ପାଇଁ ବିଧାନସଭାରେ ଆସିବ ସଂକଳ୍ପ ପ୍ରସ୍ତାବ : ବାଚସ୍ପତି

ଭୁବନେଶ୍ୱର ,୨୫।୭(ପି.ଏନ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ବିଧାନସଭାରେ ସଂକଳ୍ପ ପ୍ରସ୍ତାବଆସିବ ବୋଲି ବିଧାନସଭାର ଶୂନ୍ୟ କାଳରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଓଡ଼ିଆ ଝିଅ ରାଷ୍ଟ୍ରପତି ଭାବେ ସୋମବାର ଶପଥ ନେଇଛନ୍ତି । ଯାହା ଆମ ପାଇଁ ଗୌରବର ବିଷୟ । ଆଜି ଓଡ଼ିଶା ପାଇଁ ଗର୍ବ ଓ ଗୌରବର ଦିନ ।

## ଏମସ୍‌ରେ ଚିକିତ୍ସା ପରେ ଫେରିଲେ ପଶ୍ଚିମବଙ୍ଗ ମନ୍ତ୍ରୀ ପାର୍ଥ ଚାଟାର୍ଜୀ

ଭୁବନେଶ୍ୱର , ୨୫।୭(ପି.ଏନ): ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପଶ୍ଚିମବଙ୍ଗର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଭୁବନେଶ୍ୱର ଏମସ୍ ରୁ ଫେରିଛନ୍ତି । ସୋମବାର ସକାଳେ ଏୟାର ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ଅଣାଯାଇଥିଲା। ଚିକିତ୍ସା ପରେ ଭୁବନେଶ୍ୱର ଏମସ୍ ର ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ତାଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ରହିଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରିପୋର୍ଟ ଦାଖଲ କରାଯାଇଛି। ହସ୍ପିଟାଲରୁ ଭର୍ଚୁଆଲ ମାଧ୍ୟମରେ ପାର୍ଥ କୋଲକାତା ହାଇକୋର୍ଟରେ ହାଜର ହୋଇଥିଲେ । କଲିକତା ହାଇକୋର୍ଟ ରବିବାର ଦିନ ଏହି ନିର୍ଦ୍ଦେଶ ଦେବାପରେ ଇଡି ପକ୍ଷରୁ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ଭୁବନେଶ୍ୱର ଅଣାଯାଇଥିଲା। ଚିକିତ୍ସା ପରେ ଏମସ୍ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି ବିଭିନ୍ନ ବିଭାଗର ଡାକ୍ତରଙ୍କୁ ନେଇ ଗଠିତ ଟିମ୍ ପାର୍ଥଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ କୋଲକାତା ହାଇକୋର୍ଟଙ୍କ ନିକଟରେ ଏ ସମ୍ପର୍କିତ ରିପୋର୍ଟ ଦାଖଲ କରିଛନ୍ତି। ପାର୍ଥ ଚାଟାର୍ଜୀ ଗୁରୁତର ଅସୁସ୍ଥ ନାହାନ୍ତି କି ତାଙ୍କ ଛାତି ଯନ୍ତ୍ରଣା ବି ନାହିଁ । ତେବେ ତାଙ୍କର ୪-୫ଟି ରୋଗ ରହିଛି, ଯେଉଁଥିପାଇଁ ସେ ପୂର୍ବରୁ ମେଡିସିନ୍ ଖାଉଛନ୍ତି । ତେବେ ଏହା ସେଭଳି ଗୁରୁତର ନୁହେଁ। ସୂଚନାଯୋଗ୍ୟ,ଗତ ଶନିବାର ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା। ଇଡି ଦ୍ୱାରା ଗିରଫ ହେବା ପରେ ଅସୁସ୍ଥ ଅନୁଭବ କରିବାରୁ ପାର୍ଥଙ୍କୁ ରାଜ୍ୟ ସରକାରଙ୍କ ଏସଏସକେଏମ୍ ହସ୍ପିଟାଲରେ ଭର୍ତି କରାଯାଇଥିଲା । କିନ୍ତୁ ତାଙ୍କୁ ରାଜ୍ୟ ସରକାରଙ୍କ ହସ୍ପିଟାଲରେ ଭର୍ତିକୁ ବିରୋଧ କରିଥିଲା ଇଡି । ତାଙ୍କୁ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରିବା ଲାଗି ଇଡି ହାଇକୋର୍ଟରେ ଆବେଦନ କରିଥିଲା । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ପାର୍ଥଙ୍କୁ ଭୁବନେଶ୍ୱର ଏମ୍ସକୁ ସୋମବାର ସକାଳେ ସ୍ଥାନାନ୍ତର କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସାଥୀରେ ତାଙ୍କ ଆଇନଜୀବୀ ଏବଂ ଏସଏସକେଏମର ଡାକ୍ତର ରହିବେ।

## ଅନ୍‌ଲାଇନ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ଦାବି

ପୁରୀ, ୨୫।୭(ପି.ଏନ): ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ସଦାଶିବ ପରିସରରେ ଛାତ୍ରଛାତ୍ରୀମାନେ ଅନଲାଇନ୍ ପରୀକ୍ଷା ଦାବିକରି କଲେଜରେ ତାଲା ପକାଇ ଧାରଣା ବସିଥିଲେ । କରୋନା ରୋଗ ଅଗ୍ରଗତି କରିଥିବାରୁ ଅଫଲାଇନ ପରୀକ୍ଷା ନକରି ଅନଲାଇନ ପରୀକ୍ଷା କରିବାକୁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି। ଛାତ୍ରଛାତ୍ରୀମାନେ କଲେଜର ମୁଖ୍ୟ ଫାଟକରେ ତାଲା ପକାଇ ବସି ରହିଛନ୍ତି। ଏ ସମ୍ପର୍କରେ କଲେଜର ଡ଼ାଇରେକ୍ଟର ଖଗେଶ୍ୱର ମିଶ୍ରଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଡ଼ାଇରେକ୍ଟର ଓ ଶିକ୍ଷକମାନେ ଆସି ଛାତ୍ରଛାତ୍ରୀମାନଙ୍କୁ ଧାରଣାରୁ ଉଠିଯିବା ପାଇଁ କହିଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ଉଠିନଥିଲେ। ଅଫଲାଇନ୍ ପରୀକ୍ଷା ହେଲେ ଛାତ୍ରଛାତ୍ରୀମାନଙ୍କୁ କରୋନା ସଂକ୍ରମଣ ହେବାର ସମ୍ଭାବନା ରହିଛି ବୋଲି ଛାତ୍ରନେତାମାନେ କହିଛନ୍ତି।

## ସିକନ୍ଦ୍ରାବାଦରୁ ସୁନା ଚୋରି କରି ଫୁଲବାଣୀରୁ ଗିରଫ

କନ୍ଧମାଳ, ୨୫।୭(ପି.ଏନ): ସୁଦୂର ସିକନ୍ଦ୍ରାବାଦରୁ ଚୋରି କରି ଫୁଲବାଣୀରେ ଧରାପଡ଼ିଲା ସୁନା ଚୋର। ଅଭିଯୁକ୍ତ ଜଣକ ହେଲା ଚକାପାଦ ବ୍ଲକ ଅନ୍ତର୍ଗତ ରୂପାଗାଁର ହିତ୍ରିକ ପ୍ରଧାନ ।ଖବରରୁ ପ୍ରକାଶ ଯେ, ହିତ୍ରିକ ଆନ୍ଧ୍ର ପ୍ରଦେଶର ସିକନ୍ଦ୍ରାବାଦ ମାର୍କେଟ ପୋଲିସ ଷ୍ଟେସନ ଅନ୍ତର୍ଗତ ଜୈନିକ ମହିଳାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଘରେ ପଶି ମହିଳାଙ୍କ ବେକରୁ ୬୦ ଗ୍ରାମ ଓଜନର ସୁନା ହାର ଓ ଲକେଟ ଜୋର ଜବରଦସ୍ତ ଛଡେଇ ଆଣି ଫେରାର ହୋଇଯାଇଥିଲା। ଏନେଇ ସିକନ୍ଦ୍ରାବାଦ ଷ୍ଟେସନ ମାର୍କେଟ ପୋଲିସ ଥାନାରେ ୧୪୨/୨୩/୧୨/୨୦୨୨ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଖୋଜୁଥିଲା ସିକନ୍ଦ୍ରାବାଦ ପୋଲିସ। ହିତ୍ରିକ ସିକନ୍ଦ୍ରାବାଦ ଷ୍ଟେସନ ରୋଡରେ ଏକ ଫାଷ୍ଟ ଫୁଡ୍ ଦୋକାନରେ କାରିଗର ଭାବେ କାମ କରୁଥିଲେ। ସେଠାରୁ ଚୋରି କରି ଫୁଲବଣୀର ମାଦିକୁନ୍ଦା ଛକ ନିକଟସ୍ଥ ଏକ ସୁନା ଦୋକାନରେ ବିକିବାକୁ ଆସିଥିବାବେଳେ ଦୋକାନୀଙ୍କର ସନ୍ଦେହ ହୋଇଥିଲା। କାରଣ ୫୦ ଗ୍ରାମ ସୁନା ବିକିବାକୁ କହି ଦୁଇ ଲକ୍ଷ ଦାମର ସୁନାକୁ ଏକ ଲକ୍ଷ ଟଙ୍କା ଦେଲେ ବିକିବି କହିବାରୁ ଦୋକାନୀଙ୍କର ସନ୍ଦେହ ହୋଇଥିଲା। ଦୋକାନୀ ଏ ନେଇ ଫୁଲବାଣୀ ଟାଉନ ଥାନାଧିକାରୀ ସୁଶାନ୍ତ କୁମାର ସେଠୀଙ୍କୁ ଖବର ଦେଇଥିଲେ। ପୋଲିସ ସଙ୍ଗେ ସଙ୍ଗେ ଯାଇ ଅଭିଯୁକ୍ତକୁ ଆଣି ଥାନାରେ ପଚରା ଉଚରା କରିଥିଲା। ପରେ ପୋଲିସ ସିକନ୍ଦ୍ରାବାଦରୁ ଚୋରି ହୋଇଥିବା ଜାଣି ସେଠାକାର ପୋଲିସକୁ ଖବର ଦେଇଥିଲା। ରବିବାର ବିଳମ୍ବିତ ରାତିରେ ଆନ୍ଧ୍ର ପୋଲିସ ଆସି ଫୁଲବଣୀରୁ ଅଭିଯୁକ୍ତ ହିତ୍ରି କୁ ନେଇଯାଇଛନ୍ତି। ତେବେ ଏହି ଘଟଣାରେ ଅନ୍ୟ ଜଣେ ସମ୍ପୃକ୍ତ ଥିବା କହିଛି ସିକନ୍ଦ୍ରାବାଦ ପୋଲିସ।

## ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଚାଉଳ ବଂଟନରେ ଦୁର୍ନୀତି : ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ- ବିଜେପି

ଜୟପୁର, ୨୫।୭(ପି.ଏନ): ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଚାଉଳ ବଂଟନରେ ଦୁର୍ନୀତି ଉପରେ ଏକ ସାମ୍ବାଦିକ ସମ୍ମିଳନି ଜୟପୁର ବିଜେପି ଆୟୋଜନ କରି ଠିକା ସଂସ୍ଥାକୁ ଅନୁକମ୍ପା କାହିଁକି ବୋଲି ପ୍ରଶ୍ନ କରିଛି । ବିଜେପି ନେତା ଗୌତମ ସାମନ୍ତରାୟ ଅଭିଯୋଗ କରିଛନ୍ତି ଯେ, ଜିଲାର ୫ଟି ବ୍ଲକ ପାଇଁ ସୁନାବେଡ଼ାର ଓମ ଇଂଟର ପ୍ରାଇଜେସ ସଂସ୍ଥା ଠିକା ନେଇଥିବା ବେଳେ ଆଉ ୯ଟି ବ୍ଲକ ପାଇଁ ଜୟପୁରର ସିଂହଲ ଟ୍ରାନ୍ସପୋର୍ଟ ନାମକ ଠିକା ସଂସ୍ଥା ନେଇଛନ୍ତି । ଏମାନଙ୍କ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଶିକ୍ଷକ ମାନଙ୍କ ଉପରେ କାଯ୍ୟାନୁଷ୍ଠାନ ନେବା ଯୁକ୍ତି ସଙ୍ଗତ ନୁହେଁ । ତେଣୁ ସରକାର ଠିକା ସଂସ୍ଥା ଉପରେ କାଯ୍ୟାନୁଷ୍ଠାନ ନନେଲେ ବିଜେପି ରାଜରାସ୍ତାକୁ ଓହ୍ଲାଇ ଚାଉଳ ଦୁର୍ନିତିର ଖୁଲାସା କରିବ ବୋଲି ଚେତାବନୀ ଦେଇଛି । ଏହା ସହ ଏହି ଘଟଣାରେ ରାଜ୍ୟ ସରକାର ଓ ବିଧାୟକ ମଧ୍ୟ ଜଡ଼ିତ ଥିବା ବିଜେପି ଅଭିଯୋଗ କରିଛି ।ଏହାର ପ୍ରତିକ୍ରିୟାରେ ବିଧାୟକ ଜଡିତ ଥିବା ପ୍ରମାଣିତ କଲେ ରାଜନୀତି ଛାଡିଦେବି ବୋଲି ତାରା ବାହିନିପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଝାଡାବାନ୍ତିରେ ୫୦ ଆକ୍ରାନ୍ତ, ସୋନପୁରର ସୁର୍ଜିମୁଣ୍ଡାରେ ହଇଚଇ



ବଲାଙ୍ଗୀର,୨୫।୭(ପି.ଏନ): ନବରଙ୍ଗପୁରର କାଶୀପୁର ପରେ କୋରାପୁଟର ଦଶମନ୍ତପୁର, ଏହାପରେ ରାୟଗଡାର ଦଣ୍ଡାପୋଡା ଏବଂ ଏବେ ସୋନପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ସୁର୍ଜିମୁଣ୍ଡା ଗାଁରେ ଝଡାବାନ୍ତି ଆତଙ୍କ। ଝାଡାବାନ୍ତିରେ ସୁର୍ଜିମୁଣ୍ଡା ଗାଁର ୫୦ ଜଣ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ନେଇ ଅଞ୍ଚଳରେ ହଇଚଇ। ଗତ ୪ ଦିନ ହେଲା ଏହି ଗାଁର ଜଣଙ୍କ ପରେ ଜଣେ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରନ୍ତ ହେଉଥିଲେ। ଆଜି ହଠାତ ଗାଁର ୨୦ ଜଣଙ୍କ ଅବସ୍ଥା ଖରାପ ଆଡକୁ ଗତି କରିଥିଲା। ସମସ୍ତଙ୍କୁ ତରଭା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ଭିତରୁ ୧୫ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ ?ପିଟାଲର ଡାଏରିଆ ୱାର୍ଡରେ ଭର୍ତ୍ତି କରାଯାଇଛି। ଅନ୍ୟ ୫ ଜଣ ତରଭା ହସ୍ ?ପିଟାଲରେ ଚିକିତ୍ସିତ ହେଉଛନ୍ତି ।ସୂଚନା ମୁତାବକ, ଗାଁରେ ଥିବା ସପ୍ଲାଏ ପାଣିକୁ ପ୍ରଶାସନ ପକ୍ଷରୁ କୌଣସି କାରଣରୁ ବନ୍ଦ କରିଦିଆଯାଇଛି। ଯାହା ଫଳରେ ଗାଁ ଲୋକେ ଗତ କିଛି ଦିନ ହେବ ଏକ ଖୋଲା କୂଅର ପାଣି ବ୍ୟବହାର କରୁଛନ୍ତି। ଗାଁରେ ଝାଡିବାନ୍ତି ବ୍ୟାପିବା ପରେ କୂଅ ପାଣି ଦୂଷିତ ହୋଇଥିବା ସନ୍ଦେହ କରାଯାଉଛି ।ସେପଟେ ପାଣି ସମସ୍ୟା ନେଇ ପଂଚାୟତରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଜଣାଇଥିଲେ ହେଁ କେହି ପଦକ୍ଷେପ ନେଉନଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଝାଡାବାନ୍ତି ବ୍ୟାପୀଥିବା ସତ୍ତ୍ୱେ ଏହି ଗାଁକୁ କୌଣସି ଡାକ୍ତରୀ ଟିମ ମଧ୍ୟ ଯାଇନଥିବା ଗ୍ରାମର ପ୍ରହଲ୍ଲାଦ ସାହୁ ଅଭିଯୋଗ ହେଉଛି।

## ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ସୁପ୍ରିମକୋର୍ଟର ସର୍ତମୂଳକ ଜାମିନ

ଭୁବନେଶ୍ୱର , ୨୫।୭(ପି.ଏନ): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ସୁପ୍ରିମକୋର୍ଟ ସର୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଏନେଇ ପ୍ରଶାନ୍ତ ଜଗଦ୍ଦେବଙ୍କ ଓକିଲ ମାନସ ଚାନ୍ଦ ସୂଚନା ଦେଇଛନ୍ତି। ଏହି ଜାମିନରେ କୁହାଯାଇଛି ଯେ ପ୍ରଶାନ୍ତ ଜଗଦ୍ଦେବ ବର୍ଷେ ଯାଏଁ ନିର୍ବାଚନ ମଣ୍ଡଳୀକୁ ଯାଇ ପାରିବେ ନାହିଁ । ଯଦି ଯିବେ, ତେବେ ଜିଲ୍ଲାପାଳଙ୍କ ଅନୁମତି ନେଇ ଯିବେ। କିନ୍ତୁ ସାଙ୍ଗରେ ୫ରୁ ଅଧିକ ଲୋକଙ୍କୁ ନେଇ ଯାଇପାରିବେ ନାହିଁ ବୋଲି ସର୍ତ ରଖାଯାଇଛି ।ଉଲ୍ଲେଖଯୋଗ୍ୟ, ଗତ ମାର୍ଚ୍ଚ ମାସରେ ବାଣପୁର ବ୍ଲକ୍ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଉପରେ ଗାଡ଼ି ମଡ଼ାଇଦେବା ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରାଯାଇଥିଲା। ଏପ୍ରିଲ ୨୨ ତାରିଖରେ ହାଇକୋର୍ଟରୁ ତାଙ୍କୁ ଅନ୍ତରୀଣ ଜାମିନ ମିଳିଥିଲା। ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଥିଲା। ଏପ୍ରିଲ ୨୭ ତାରିଖରେ ସେ ଜେଲରୁ ମୁକୁଳିଥିଲେ। ୭ ଦିନ ଅନ୍ତରୀଣ ଜାମିନ ଅବଧି ସରିବା ପୂର୍ବରୁ ଜଗଦ୍ଦେବଙ୍କ ଓକିଲ ହାଇକୋର୍ଟଙ୍କ ନିକଟରେ ଏହାକୁ ବଢ଼ାଇବା ପାଇଁ ଆବେଦନ କରିଥିଲେ। ତାଙ୍କର ଏହି ଆବେଦନକୁ କୋର୍ଟ ଗ୍ରହଣ କରି ଅନ୍ତରୀଣ ଜାମିନକୁ ଆଉ ୭ ଦିନ ବଢ଼ାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ମେ' ୧୧ ତାରିଖ ପର୍ଯ୍ୟନ୍ତ ତାରିଖ ଏହି ଅବଧିକୁ ବୃଦ୍ଧି କରାଯାଇଥିଲା। ଏହି ଅନ୍ତରୀଣ ଜାମିନ ଅବଧି ଶେଷ ହେବା ପରେ ବିଧାୟକ ଶ୍ରୀ ଜଗଦ୍ଦେବ ବାଣପୁର କୋର୍ଟରେ ହାଜର ହୋଇଥିଲେ। ପରେ ତାଙ୍କୁ ବିଚାରବିଭାଗ ହାଜତକୁ ପଠାଇ ଦିଆଯାଇଥିଲା।

## ସଜନାଗଡ଼ ଆରଆଇଙ୍କ ଉପରେ ଆକ୍ରମଣ

ବାଲେଶ୍ୱର, ୨୫।୭(ପି.ଏନ) ସଜନାଗଡ଼ ରାଜସ୍ୱ ନିରୀକ୍ଷକ (ଆରଆଇ) ସନ୍ତୋଷ କୁମାରଙ୍କ ଉପରେ ଆକ୍ରମଣ କରିଛନ୍ତି ପଥର ମାଫିଆ । ବେଆଇନ ପଥର ବ୍ଲାଷ୍ଟିଂ ଓ ଚୋରାଚାଲାଣ ସମ୍ପର୍କରେ ତଦନ୍ତ ପାଇଁ ସେ ନୀଳଗିରି ତହସିଲ ଅନ୍ତର୍ଗତ ବାଘମରା ଗ୍ରାମକୁ ଯାଇଥିବା ବେଳେ ସେଠାରେ କିଛି ମାଫିଆ ତାଙ୍କୁ ଗୋଡାଇ ଗୋଡାଇ ପିଟିଥିବା ଅଭିଯୋଗ ହୋଇଛି । ଘଟଣାରେ ସେ ଗୁରୁତର ହୋଇଛନ୍ତି । ପୋଲିସ ପକ୍ଷରୁ ଏନେଇ ତଦନ୍ତ ଆରମ୍ଭ ହୋଇଛି ।

## ରାଷ୍ଟ୍ରପତିଙ୍କ ପାଇଁ ସିଂହଦ୍ୱାର ଦୀପଦାନ

ପୁରୀ,୨୫।୭(ପି.ଏନ): ଭାରତର ମହାମହିମ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ଶପଥ ନେବା ପରେ ଶ୍ରୀମନ୍ଦିର ସମ୍ମୁଖ ସିଂହଦ୍ୱାର ଠାରେ ତାଙ୍କର କୌଳିକ ପଣ୍ଡା ଦେବୀପ୍ରସାଦ ମହାପାତ୍ର ଦେଶର ଶୁଭକାମନା କରି ଦୀପଦାନ କରିଛନ୍ତି।

## ନିମ୍ନମାନର ରାସ୍ତା କାମ କରି ଯନ୍ତ୍ରୀ ଓ ଠିକାଦାର ମାଲାମାଲ, ଲଗାଣ ବର୍ଷାରେ ଧୋଇଗଲା ପିଚୁ : ଭିଜିଲାନ୍ସ ତଦନ୍ତ ଦାବୀ

କନ୍ଧମାଳ, ୨୫।୭(ପି.ଏନ):- ଯନ୍ତ୍ରୀ ଓ ଠିକାଦାର ମିଳିମିଶି ନିମ୍ନ ମାନର ତଥା ଉପର ଠାଉରିଆ ଭାବେ କାମ କରି ସିଂହ ଭାଗଅର୍ଥ ଚଳୁ କରିଦେବା ଫଳରେ ରାସ୍ତା କାମ ସରିବାର ମାସ କେଇଟାବି ଗଲାନି ଚଳିତ ଲଗାଣ ବର୍ଷାରେ ରାସ୍ତା ଫାଟି ଆଁ କରିବାସହ ଗାତ ହୋଇଯାଇଥିବା ଦେଖିବାକୁ ମିଳିଛି। ଅଭିଯୋଗ ହେବାପରେ ଯନ୍ତ୍ରୀଙ୍କ ମୋବାଇଲ ସୁଇଚ ଅଫ ଦେଖାଉଥିବା ବେଳେ ଠିକାଦାର କହୁଛନ୍ତି ବର୍ଷା ପୂର୍ବରୁ କାମ ସାରିବା ଲାଗି ବିଭାଗ ତରବର କରିବାରୁ ରାସ୍ତା କାମରେ କିଛିଟା ତ୍ରୁଟି ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି, ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।ଏଭଳି ଅଭିଯୋଗ ଆସିଛି କୋଟଗଡ଼ ଅଂଚଳରୁ । ଏଠାରେ ସୂଚନାଯୋଗ୍ୟ ଯେ, କୋଟଗଡ଼ ରାଜ୍ୟ ରାଜପଥ ରଡ଼ିଗୁମାରୁ ସିନାଗୁଡ଼ା ଯାଏ ଏକ କୋଟି ଅଶି ଲକ୍ଷ ବ୍ୟୟ ଅଟକଳରେ ରାସ୍ତା କାର୍ଯ୍ୟ ବାଲିଗୁଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱରା କରାଯାଇଥିଲା। ସମ୍ପୃକ୍ତ ଅଂଚଳ ଏକ ମାଓ ଇଲାକା ତଥା ଦୁର୍ଗମ ଅଂଚଳ ଭାବେ ପରିଗଣିତ ହେଉଥିବାରୁ ବଡ ବଡ ବାବୁମାନଙ୍କ ପାଦ ପଡ଼େନି ଏଠାରେ। ଏହାର ସୁଯୋଗ ନେଇ ଯନ୍ତ୍ରୀ ଓ ଠିକାଦାର ମିଶି ଉପର ଠାଉରିଆ ଭାବେ କିଛି କରି ସିଂହ ଭାଗ ଅର୍ଥ ଚଳୁ କରିଥିବା ନେଇ ଗ୍ରାମର ବିନୋଦ ଘଡେଇ, ଲେଙ୍ଗରା ପ୍ରଧାନ, ରମେଶ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଗ୍ରାମ୍ବାସୀ ଲଗାତାର ନିର୍ବାହୀ ଯନ୍ତ୍ରୀ, ଓ ମୁଖ୍ୟ ଯନ୍ତ୍ରୀଙ୍କୁ ଏନେଇ ଅଭିଯୋଗ କରିବା ପରେ କାଳେ ତଦନ୍ତ ହେବ ଆଉ ସବୁ ଗୁମର ଖୋଲିଯିବ ଭାବି ଯନ୍ତ୍ରୀ ଅଭିଯୋଗକୁ ରଫାଦଫା କରିବା ଲାଗି ଉଦ୍ୟମ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି ।ରାସ୍ତାକାମ ଏପରି ହୋଇଛି ଯେ, ଗୋଡ଼ ଘୋସାରିଲେ ଗୋଡ଼ି ଉଠିଯାଉଛି, ହାତରେ ରାମ୍ପିଲେ ବି ଉଠିଯାଉଛି ରାସ୍ତାରୁ ଗୋଡ଼ି। କୋଟଗଡ଼ରେ ସହକାରୀ ଯନ୍ତ୍ରୀ, କିମ୍ବା କନିଷ୍ଠ ଯନ୍ତ୍ରୀ ପ୍ରାୟତଃ ରହୁନାହାନ୍ତି । ବେଳେ ବେଳେ ଆସୁଛନ୍ତି। ସେଥିପାଇଁ ଠିକାଦାର ମାନଙ୍କ ମନମାନି ଚାଲିଛି । ଅଭିଯୋଗ କଲେ ଶୁଣୁଛି ବା କିଏ ଦୁର୍ନିତୀ ନିବାରଣ ବିଭାଗ ମଧ୍ୟ ରାସ୍ତା କାମର ଭିତିରିଆ ତଦନ୍ତ ଆରମ୍ଭ କରିଥିବା ଶୁଣିବାକୁ ମିଳୁଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି କୁହାଯାଉଛି। ସେହିପରି ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀ ଗାଁ ନିକଟ କୁମ୍ଭାରୀଗାଁ ପଂଚାୟତର ସାରଗୁଡି -କାଡିଙ୍ଗିଆ ରାସ୍ତା କାମରେ ବି ବ୍ୟାପକ ଦୁର୍ନିତୀ ଓ ଅନିୟମିତତା ହୋଇଥିବାନେଇ ଅଭିଯୋଗ ହେବାପରେ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି । ଦ୍ୱେ ବାଲିଗୁଡା ଆରଡ଼ି ବିଭାଗ ନିର୍ବାହୀ ଯନ୍ତ୍ରୀ ଅଧିକା ପିସି ଦାବୀ କରିବା ଯୋଗୁଁ କାମ ସବୁ ନିମ୍ନ ମାନର ହେଉଥିବା ନେଇ ମାଳମାଳ ଅଭିଯୋଗ ପହଂଚିବାରେ ଲାଗିଛି । ଏଥିପ୍ରତି ବିଭାଗୀୟ ମନ୍ତ୍ରୀ, ସଚିବ, ଭିଜିଲାନ୍ସ କର୍ତୁପକ୍ଷ, ଜିଲାପାଳ ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି ଗ୍ରାମବାସୀ।

## ୟୁନିଟ-୨ରେ ୪୧୦ଟି ସରକାରୀ କ୍ୱାର୍ଟର ଭଙ୍ଗାଯିବ

ଭୁବନେଶ୍ୱର , ୨୫।୭(ପି.ଏନ): ଭୁବନେଶ୍ୱର ୟୁନିଟ-୨ରେ ୪୧୦ଟି ସରକାରୀ କ୍ୱାର୍ଟର ଭଙ୍ଗାଯିବ। ଏହି ସବୁ କ୍ୱାର୍ଟରକୁ ଭାଙ୍ଗି ପିପିପି ମୋଡରେ ପୁନଃନିର୍ମାଣ କରିବା ଲାଗି ରାଜ୍ୟ ସରକାରଙ୍କ ଯୋଜନା ରହିଛି। ସେହିପରି ୟୁନିଟ-୬ରେ ଥିବା ୫୦ଟି କ୍ୱାର୍ଟର ଭଙ୍ଗାଯାଇ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ଆଣ୍ଡ ରିସର୍ଚ୍ଚ ଆଟ୍ କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ମାଣ କରାଯିବ। ୟୁନିଟ-୪ ଅନ୍ତର୍ଗତ ଅନ୍ୟ ୫୦ଟି କ୍ୱାର୍ଟର ଏମଏଲଏ କଲୋନିରେ ବହୁତଳ ଆବାସିକ କୋଠା ନିର୍ମାଣ କରାଯିବ ।ୟୁନିଟ-୩ରେ ଭୁବନେଶ୍ୱର ମହାନଗର ନିଗମର ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୨ଟି କ୍ୱାର୍ଟର ଓ ୟୁନିଟ-୮ ଅନ୍ତର୍ଗତ ୩୬ଟି କ୍ୱାର୍ଟର ନିରାପଦ ନ ଥିରବା ଯୋଗୁ ଭଙ୍ଗାଯାଇଛି। ଏହା ବାଦ ୟୁନିଟ-୨ରେ ୧୨୪ଟି ଘର ଖାଲି ପଡ଼ିଛି ଯାହାର ପୁନଃନିର୍ମାଣ ଯୋଜନା ନିମନ୍ତେ ପ୍ରସ୍ତାବ ଥିବାରୁ ଆବଂଟନ ହୋଇନାହିଁ। ବର୍ତମାନ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ୧୧,୩୭୪ଟି କ୍ୱାର୍ଟର ରହିଛି ।ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନିପତିଙ୍କ ପ୍ରଶ୍ନରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଲିଖିତ ଉତର ଦେଇଛନ୍ତି।










# ଟି ଟାଇମ୍

## ପୁରାଣ କାହାଣୀ

# ଅଂହକାରରୂପୀ ସାପ





ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ୱଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

# ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ୍ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।



# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି । ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି । ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବ ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଉ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଜିଲ୍ଲାରେ "ଏକ ପଂଚାୟତ, ଏକ ଉତ୍ପାଦ" କାର୍ଯ୍ୟକ୍ରମର ଶୁଭାରମ୍ଭ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲାରେ ଗତକାଲି "ଏକ ପଂଚାୟତ,ଏକ ଉତ୍ପାଦ" କାର୍ଯ୍ୟକ୍ରମରେ ଶୁଭାରମ୍ଭ ହୋଇଛି । ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ କରାଯାଇଛି । ଜିଲ୍ଲା ପ୍ରଶାସନ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିନବ ପ୍ରୟାସ ମାଧ୍ୟମରେ ଜିଲ୍ଲାର ପ୍ରତି ପଂଚାୟତରେ ଗୋଟିଏ ଉତ୍ପାଦ ଭିତ୍ତିକ କ୍ଲଷ୍ଟର ପ୍ରସ୍ତୁତ କରାଯାଇ ଜିଲ୍ଲାରେ ଥିବା ୩୦ହଜାର ସ୍ୱୟଂ ସହାୟକ ଗୋଷ୍ଠୀର ମିଶନ ଶକ୍ତି ମା ମାନଙ୍କ ଆର୍ଥିକ, ସାମାଜିକ ଉନ୍ନତି ତଥା ସେମାନଙ୍କୁ ନିରନ୍ତର ଜୀବିକା ପ୍ରଦାନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏକ ଛୋଟ ପ୍ରୟାସରୁ ଆରମ୍ଭ ହୋଇଥିବା ଅମୂଲର ସଫଳ କାହାଣୀର ଅବତାରଣା କରି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଜିଲ୍ଲାବାସୀ ବିଶେଷ କରି ଜିଲ୍ଲାର ମହିଳାମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବା ପାଇଁ ନିରନ୍ତର ଉଦ୍ୟମ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାବାସୀଙ୍କ ପାଇଁ ରୋଜଗାରର ବିଭିନ୍ନ ପନ୍ଥା ସୃଷ୍ଟି କରିବା ସହିତ ସେମାନଙ୍କୁ ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ମିଶନ ଶକ୍ତି ବିଭାଗ ମାଧ୍ୟମରେ ରାଜ୍ୟର ମହିଳାମାନେ ରୋଜଗାରର ବାଟ ପାଇପାରୁଥିବା ବେଳେ ପ୍ରତି ପଂଚାୟତରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ କିଭଳି ଅଧିକ ରୋଜଗାରକ୍ଷମ ହୋଇପାରିବେ ସେଥିନିମନ୍ତେ ଏଭଳି ଉଦ୍ୟମ ଆରମ୍ଭ ହୋଇଛି । ସମସ୍ତ ବିଭାଗମାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏବଂ ଅନ୍ୟ ବିଭାଗରେ ଥିବା ଉତ୍ପାଦ ଓ ସେବାକୁ ବିନିଯୋଗ କରାଯାଇ ପ୍ରତ୍ୟେକ ପଂଚାୟତରେ 'ଏସଏଚଜି ମା' ମାନଙ୍କୁ ରୋଜଗାର ତଥା କ୍ଷୁଦ୍ରଶିଳ୍ପରେ ନିୟୋଜିତ କରାଯିବ । ଏଯାବତ୍ ଜିଲ୍ଲାରେ ୩୫୬୮ଟି ମହାସଂଘ, ୧୫୩ଟି ଉତ୍ପାଦକ ଗୋଷ୍ଠୀ ବିଭିନ୍ନ କାର୍ଯ୍ୟ ଯଥା ସବାଇ, ଟେରାକୋଟା, ଜଉ କଣ୍ଢେଇ, ବାଉଁଶ, ନଡ଼ିଆ କତା, ନଡ଼ିଆ ତେଲ, ପଥର ମୂର୍ତ୍ତି, ସିଲେଇ, ଝୋଟ, ଚାନ୍ଦୁଆ, ଟସର, ଧାନରେ ମୂର୍ତ୍ତି, ପରିବା, ମହୁ, ଛତୁ ଆଦିରେ ଅନ୍ତର୍ଭୁକ୍ତ ଥିବା ବେଳେ ଏସବୁ ସହିତ ଅନ୍ୟାନ୍ୟ କାର୍ଯ୍ୟକୁ କିଭଳି ସମସ୍ତ ପଂଚାୟତରେ ଆଗାମୀ ୩ମାସ ମଧ୍ୟରେ ନିଶ୍ଚିତ କରାଯାଇପାରିବ ତାହା ଉପରେ ଜିଲ୍ଲାପାଳ ଜୋର ଦେଇଥିଲେ । ଗତକାଲିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଲୁ ମହାପାତ୍ର, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଫକୀରମୋହନ ମେଡ଼ିକାଲ କଲେଜ ପ୍ରବନ୍ଧକ ଶ୍ରୀମତୀ ମନୋରମା ଭୂୟାଁ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଷ୍ଣୁ ଚରଣ ସୁତାର, ଓରମାସ ଡେପୁଟୀ ସିଇଓ ଶ୍ରୀ ଜିତେନ୍ଦ୍ରିୟ ବିଶ୍ୱାଳ, ଡିପିସି-ମିଶନ ଶକ୍ତି ଶ୍ରୀ ବିଶ୍ୱଜିତ୍ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା




କୋଣାର୍କ (ପିଏନ୍): ସମାଜରେ ଶିକ୍ଷାର ବିକାଶ ପାଇଁ ଜଣେ ଅବସରପ୍ରାପ୍ତ ଶିକ୍ଷକ ନିଜକୁ ଆଜୀବନ ସମର୍ପିତ କରିବା ଉଚିତ୍। ଶିକ୍ଷାଦାନ କ୍ଷେତ୍ରରେ ନିଜର ପରିପକ୍ୱ ଅନୁଭୂତିକୁ ଆଜୀବନ ବାଣ୍ଟିପାରିଲେ ଜଣେ ଅବସରପ୍ରାପ୍ତ ଶିକ୍ଷକର ସ୍ୱାର୍ଥ ଓ ପରମାର୍ଥ ଉଭୟ ସାଧିତ ହୋଇଥାଏ। ଅବସର ପରବର୍ତ୍ତୀ ଜୀବନ ଶିକ୍ଷାର ବିକାଶ ପାଇଁ ନିୟୋଜିତ କରି ଜଣେ ଶିକ୍ଷକ ଆତ୍ମସଂତୁଷ୍ଟି ଲାଭ କରିଥାଏ ବୋଲି ନୟାହାଟଠାରେ ବରିଷ୍ଠ ପ୍ରଧାନଶିକ୍ଷୟିତ୍ରୀ ଟୁନରମା ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତପୋଷଣ କରିଛନ୍ତି। ଶନିବାର ଗୋପ ବ୍ଲକ ଅନ୍ତର୍ଗତ ଶିଂଘପାନିଆଁ ନୋଡାଲ ଉପ୍ରା ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଟୁନରମା ସ୍ୱାଇଁଙ୍କୁ ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶିକ୍ଷକ ସମନ୍ୱୟ ସମିତିର ସଭାପତି ଶିବଦତ୍ତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଗୋପ ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥିରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀର ସବରେଜିଷ୍ଟ୍ରାର ପ୍ରଭାତ କୁମାର ତରାଇ ମୁଖ୍ୟବକ୍ତା ଏବଂ ସମ୍ମାନୀତ ଅତିଥିରୂପେ ମା' ମଙ୍ଗଳା ଟ୍ରଷ୍ଟବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଦାଶ, କାକଟପୁରର ପୂର୍ବତନ ବିଇଓ ରବୀନ୍ଦ୍ର କୁମାର ଦାସ, ଅସ୍ତରଙ୍ଗର ଏବିଇଓ ମମତା ମଂଜରୀ ଦେଇ, ଅବସରପ୍ରାପ୍ତ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପୁରୀ ଜିଲ୍ଲା ସଭାପତି ସୁଶାନ୍ତ କୁମାର ନାୟକ, ସଂପାଦକ ଯୁବରାଜ ବିଶ୍ୱାଳ, ସତ୍ୟନାରାୟଣ ସାହୁ ଓ ସିଆରସିସି ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇ ଛାତ୍ରବତ୍ସଳ ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀ ଟୁନରମା ସ୍ୱାଇଁଙ୍କ ଗୁଣଗାନ କରିଥିଲେ। ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଟୁନରମାଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପଢୌକନ ପ୍ରଦାନପୂର୍ବକ ସମର୍ଦ୍ଧିତ କରାଯାଇଥିଲା। ଏଥିସହ ଗୋପ ବ୍ଲକର ସେବାନିବୃତ୍ତ ଶିକ୍ଷକ ଅଚ୍ୟୁତାନନ୍ଦ ପ୍ରଧାନ, ଗଂଗାଧର ସ୍ୱାଇଁ, ଶେଖ୍ ସିରାଜୁଦ୍ଦିନ, ଗୁରୁପ୍ରସାଦ ମହାନ୍ତି, ସଂପଦ ମିଶ୍ର, ବାଙ୍କବିହାରୀ ନାୟକ, ଅଜୟ ପାଢୀ, ବନଲତା ନାୟକ, ପାର୍ବତୀ କାଣ୍ଡି, ସୌଦାମିନୀ ଦେଇ, ମଂଜୁଲତା ଦେଇ ଓ ଅସ୍ତରଙ୍ଗ ଏବିଇଓ ମମତା ମଂଜରୀ ଦେଇଙ୍କୁ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସରୋଜ କୁମାର ମିଶ୍ର ସଭାକୁ ସଂଯୋଜନା କରିଥିଲେ। ଶିକ୍ଷକ ସନାତନ ସେଠୀ, ସୁରଜିତ୍ ସାହୁ, ଶେଖ ମକସୁଦ, ବସନ୍ତ କୁମାର ମହାନ୍ତି, ନିରଂଜନ ସ୍ୱାଇଁ ଓ ଶିବନାରାୟଣ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପରମ୍ପରାରେ ବୋଲବମ୍

ବିପିନ୍‌ବିହାରୀ ମହାନ୍ତି



ପ୍ରତିବର୍ଷ ଶ୍ରାବଣ ମାସ ଆସିଲେ କାଉଡ଼ିଆଙ୍କର ରାସ୍ତା ସାରା ଓ ମହାଦେବପୀଠ ଭିଡ଼ ହୁଏ। ସେମାନେ କୌଣସି ନଦୀ ବା ଜଳାଶୟରୁ ଜଳନେଇ କୌଣସି ମହାଦେବ ମନ୍ଦିରର ଶିବଲିଙ୍ଗ ଉପରେ ଜଳ ଢ଼ାଳନ୍ତି। ବିଶେଷକରି ଏ ଜଳ ଶ୍ରାବଣ ମାସର ପ୍ରତି ସୋମବାରରେ ଲାଗିହୁଏ। ଆଜିକାଲି ଆଉ ସେମିତି କିଛି ନିର୍ଦ୍ଦିଷ୍ଟ ଦିବସ ନାହିଁ। ତେବେ ସୋମବାର ହିଁ ମହାଦେବଙ୍କ ବାର।

ଏ ପରମ୍ପରା କେବେଠୁ ଆରମ୍ଭ ହୋଇଛି



ତାହା ନିର୍ଦ୍ଦିଷ୍ଟ ଭାବରେ କହିହେବ ନାହିଁ। ତେବେ ପୁରାଣମାନଙ୍କରେ ଏହାର ପ୍ରମାଣ ଅଛି। ପୁରାଣମତେ: ***"ଧୂପୈଦୀପୈ ସ୍ତଥା ପୁଣେ ନୈବେଦ୍ୟୈ ବିବିଧୈରାପି। ନଃତୁଷ୍ୟତି ତଥା ଶମ୍ଭୁ ଯଥା କାମର ବାରିଣୀ।"*** ଏହାର ମାନେ ହେଲା ଭଗବାନ ଶିବ ଗଙ୍ଗାଜଳ ସ୍ନାନଦ୍ୱାରା ଯେତିକି ପ୍ରସନ୍ନ ହୋଇଥାଆନ୍ତି, ତାଙ୍କୁ ଧୂପ, ଦୀପ, ନୈବେଦ୍ୟ ତଥା ଫୁଲ ଚଢ଼ାଇବାଦ୍ୱାରା ସେତିକି ପ୍ରସନ୍ନ ହୋଇ ନ ଥା'ନ୍ତି। ଏହି କାରଣରୁ ପୂର୍ବେ



ଭକ୍ତମାନେ ବଦ୍ରିନାରାୟଣରୁ ଗଙ୍ଗାଜଳ ବହିଆଣି ରାମେଶ୍ୱର ଯାଇ ଶିବଙ୍କ ଶିରରେ ଜଳ ଲଗାନ୍ତି। ସେମାନେ ଏ ଜଳକୁ ଯେଉଁ ଭାରରେ ବୁହାନ୍ତି, ତାକୁ କୁହନ୍ତି କାଉଡ଼ି ବା କାଉଁରି ଭାର। କାଉଡ଼ି ବା କାଉଁରି ଅର୍ଥ ବାହିଙ୍ଗି ବା ବହୁଙ୍ଗି। ଏହାକୁ ଯେଉଁମାନେ ବୁହାନ୍ତି, ସେମାନଙ୍କୁ କୁହାଯାଏ କାଉଡ଼ିଆ ବା କାଉରିଆ।

ଏମାନେ ଭାରବୋହିକି ନେଲାବେଳେ କିଛି ଶବ୍ଦ ବା ସ୍ୱର ଉଚ୍ଚାରଣ କରୁଥା'ନ୍ତି। ତାହା ହେଉଛି: ବୋଲେବମ୍ ହରେବମ୍ ବମ୍ ବମ୍ ଭୋଲେ। ତା' ସହିତ ଭୋଲେ ବାବା ରକ୍ଷାକରେ, ଭୋଲେ ବାବା ପାରିକରେ ଇତ୍ୟାଦି ଶବ୍ଦ ବା ବାକ୍ୟ ବ୍ୟବହାର କରନ୍ତି। 'ବମ୍ ବମ୍' ହେଉଛି ଗାଲ ବାଦ୍ୟର ଶବ୍ଦ। ଭିନ୍ନ ଅର୍ଥରେ ଶିବପୂଜା ବାଦ୍ୟ। ଏମିତି ଡ଼ାକି ଡ଼ାକି ଚାଲନ୍ତି ସେମାନେ। ଏହାଦ୍ୱାରା ମଧ ପଥଚଲା କଷ୍ଟ ଲାଘବ ହୋଇଯାଏ।

ଏମାନଙ୍କର ପୋଷାକ ସ୍ୱତନ୍ତ୍ର। ନାଲି ଅଥବା ହଳଦିଆ। ଖାଲି ପାଦ। କାନ୍ଧରେ ଭାର। ସବୁରେ ଶିବ ସଂକେତ। ସେମାନେ ଯେଉଁ ଢଙ୍ଗରେ ଯାଆନ୍ତି, ତାହାକୁ ଶାସ୍ତ୍ରରେ ଏହିପରି ଲେଖାଯାଇଛି:

***"ସ୍କନ୍ଧେଚ ବାମରଂ ଧୃତ୍ୱା ବମ୍‌ବମ୍ ପ୍ରୋଜ୍ୟ କ୍ଷଣେକ୍ଷଣେ, ପଦେପଦେ ଅଶ୍ୱମେଧସ୍ତ ଅକ୍ଷୟ ପୁଣ୍ୟମ୍ ସୁତେ।"***

ଅର୍ଥାତ୍ କାନ୍ଧରେ କାଉଡ଼ି ଭାର ବୋହି ବୋଲବମ୍ ଡ଼ାକଦେଇ ଯିବାଦ୍ୱାରା ଭକ୍ତ ଅଶ୍ୱମେଧ ଯଜ୍ଞସମ ପୁଣ୍ୟ ଲାଭ କରିଥାଏ। ଆନନ୍ଦ ରାମାୟଣରେ ଲେଖାଅଛି ଯେ,



ତ୍ରେତୟା ଯୁଗରେ ଭଗବାନ ରାମ କାଉଡ଼ିଆ ସାଜି ସୁଲତାନ ଗଞ୍ଜ ନିକଟ ଗଙ୍ଗାରୁ ଜଳ ସଂଗ୍ରହ କରି ବୈଦ୍ୟନାଥ ଧାମରେ ଭଗବାନ ଶିବଙ୍କୁ ଜଳାଭିଷେକ କରୁଥିଲେ। ଲଙ୍କାପତି ରାବଣ ମଧ କାଉଡ଼ିଆ ସାଜି ଶିବଙ୍କୁ ଜଳାଭିଷେକ କରୁଥିଲେ, କାରଣ ସେ ଥିଲେ ପରମ ଶିବଭକ୍ତ। ଏହିପରି ଆଉଜଣେ ହେଲେ ଭୂତନାଥ ଭୈରବ। ସେ ମଧ ଶିବଙ୍କୁ କାଉଡ଼ି ଜଳରେ ସ୍ନାନ କରାଉଥିଲେ। ଏଥିରୁ ପ୍ରମାଣିତ ହୁଏ ଯେ, କାଉର୍ଡ଼ିଆଙ୍କ ଜଳଅର୍ପଣ ପରମ୍ପରା ବହୁତ ପ୍ରାଚୀନ। ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ। ସମଗ୍ର ଭାରତରେ ହିନ୍ଦୁ ଶିବଭକ୍ତ ମଧରେ ଏହା ପ୍ରଚଳିତ।

କାଉଡ଼ିଆ ପାଇଁ କିଛିଟା ସ୍ୱତନ୍ତ୍ର ନିୟମ ଅଛି। ଏହି ନିୟମାନୁଯାୟୀ ଭାରବୋହି ନେଲାବେଳେ ଭାରକୁ ଭୂମିରେ ଥୋଇବେ ନାହିଁ, ସେମାନେ ଏହିକାଳରେ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବେ। ଅର୍ଥାତ୍ ମଦ, ମାଂସ ଓ ମାଛ ଇତ୍ୟାଦି ଖାଦ୍ୟ ଗ୍ରହଣ କରିବେ ନାହିଁ। ମନରେ ମନ୍ଦ ବା ଅଶ୍ଳୀଳ ଅଥବା ପରର ଅନିଷ୍ଟ ଚିନ୍ତା କରିବେ ନାହିଁ। କ୍ରୋଧ, ଲୋଭ, ମୋହ ଅଥବା କୁକର୍ମ ତ୍ୟାଗ କରିବେ। ଦେହ ଓ ମନରେ କେବଳ ଶିବଙ୍କୁ ରଖିଲେ ଏ ଯାତ୍ରା ସଫଳ ହୁଏ। ନୋହିଲେ ଏଥିରେ କିଛି ମାନେ ନ ଥାଏ।

ପାପ-ପୁଣ୍ୟ ବ୍ୟକ୍ତିଗତ କର୍ମର ଫଳ। ଏଣୁ ଜଣେ ଭକ୍ତ ନିଜ ଭକ୍ତିର ପରାକାଷ୍ଠା ନେଇ ତା' ଫଳ ପାଏ। ଜଣେ କାଉଡ଼ିଆ ଯଦି ନିଜେ ଭକ୍ତ, ସେ ତା'ର ପୁଣ୍ୟ ଫଳ ଅବଶ୍ୟ ପାଇବ। ଏବେ କିନ୍ତୁ କଥାଟି ଅଲଗା ହେବାରେ ଲାଗିଛି। ଜଣେ ତା' ନିଜର ଅଥବା ପିଲା ବା ପରିବାରର ମଙ୍ଗଳାର୍ଥେ କିଛି ମନାସେ। ମନାସିବା ଲୋକ ନିଜେ କାଉଡ଼ିଆ ହେବା କଥା। ମାତ୍ର ଏବେ କାଉଡ଼ିଆମାନେ ଭଡ଼ାରେ ମିଳନ୍ତି ଏବଂ ଜଳଭାର ବୋହି ଶିବମନ୍ଦିରରେ ଅଜାଡ଼ନ୍ତି। ବୁଝିହୁଏନା ଯେ ଏଥିରେ କିମିତି ବାଂଛିତ ଫଳ ମିଳେ! କଥାରେ କହନ୍ତି ନିଜେ ନ ମଲେ କେହି ସ୍ୱର୍ଗ ଦେଖନ୍ତି ନାହିଁ।

ପୁନଶ୍ଚ ବିଧି ଅନୁସାରେ ଗଙ୍ଗାଜଳ ଢାଳିବା କଥା। ଗଙ୍ଗା ଯାଇହେଉଛି ନା ସେ ଜଳ ଆଣି ଶିବଙ୍କ ଶିରରେ ଢ଼ାଳି ହେଉଛି! ସେତିକି ନ ହୋଇପାରିଲେ, ଆମେ ସଂଗ୍ରହ କରିଥିବା ନଦୀ ବା ଜଳାଶ୍ରୟ ଜଳରେ କିଛି ଗଙ୍ଗା ପାଣି ମିଶାଇବା କଥା। ମାତ୍ର ସେତକ ମଧ ହେଉନାହିଁ। ତେବେ ମନ ଜାଣି ଗୋବର ଗାଡ଼ିଆ ବି ଗଙ୍ଗା। ଏହି ଅର୍ଥରେ ଯାହା ଫଳ ମିଳିବା କଥା ମିଳେ।

ଦିନକୁ ଦିନ କାଉଡ଼ିଆଙ୍କ ସଂଖ୍ୟା ବଢ଼ି ଚାଲିଛି। ଏବେ ତ' ଉଭୟ ପୁରୁଷ ଓ ନାରୀ କାଉଡ଼ିଆମାନେ ଏଥିରେ ସଂପୃକ୍ତ। ଏମାନଙ୍କ ଗହଳିରେ ରାସ୍ତା ଜାମ୍। ଅସାବଧାନତା କାରଣରୁ କେହି ବି ଦୁର୍ଘଟଣାରେ ମୁକ୍ତି ପାଇଯାଉଛନ୍ତି ତ, ଜଳ ସଂଗ୍ରହ ବେଳେ କିଏ ଭାସିଯାଉଛି। ଏହା ବର୍ତ୍ତମାନ ସରକାରଙ୍କ ପାଇଁ ଏକ ସମସ୍ୟା ପାଲଟିଛି । ସେହିପରି ପବିତ୍ରତା ନାଁରେ କେଉଁଠି ବି ନୈତିକ ସ୍ଖଳନ ମଧ ଘଟୁଛି। ଅନେକ ବି ଯାତ୍ରା ପୂର୍ବରୁ ବା ପରେ ନିର୍ଦ୍ଦିଷ୍ଟ ଖାଦ୍ୟ ବା ପାନୀୟ ନେଉଛନ୍ତି। ସବୁସତ୍ତ୍ୱେ ଏ ପରମ୍ପରା ରହିଛି। ଏହିପରି ରହିଥିବ ବୋଲି ଆଶା କରାଯାଏ। ଏଥିପାଇଁ ପ୍ରଚଳିତ ନିୟମ ଏବଂ ଯାତ୍ରା, ଧର୍ମ ନେଇ ହେଲେ ହେଁ, ଏହା ବିଜ୍ଞାନସମ୍ମତରହିତ ନୁହେଁ।

***-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ: ୯୯୩୮୩୪୪୧୩୮***

# ଶ୍ରୀମତୀ ସୋନିଆ ଗାନ୍ଧୀଙ୍କୁ ଏବଂ କଂଗ୍ରେସ ଦଳକୁ ନିନ୍ଦିତ ଓ ଅପମାନିତ କରିବା ବିରୋଧରେ ସତ୍ୟାଗ୍ରହ

ଭୁବନେଶ୍ୱର (ପିଏନ୍)- କେନ୍ଦ୍ର ବିଜେପି ସରକାର ନିଜ ୮ ବର୍ଷ ଶାସନର ବିଫଳତାକୁ ଲୋକଲୋଚନରୁ ଦୂରେଇ ରଖିବା ପାଇଁ ଏବଂ କଂଗ୍ରେସ ଦଳ ଓ ଶ୍ରୀମତୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ଜନମାନସରେ ନିନ୍ଦିତ ଓ ଅପମାନିତ କରିବାପାଇଁ ନରେନ୍ଦ୍ର ମୋଦି, ଅମିତ ଶାହା ଯେଉଁ ଅପଚେଷ୍ଟା ଚଳାଇଛନ୍ତି ତାହାର ପ୍ରତିବାଦ କରିବାପାଇଁ ଆସନ୍ତା ୨୬ ତାରିଖ ମଙ୍ଗଳବାର ସକାଳ ୧୦ ଘଟିକା ସମୟରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ ଓ ଶ୍ରୀ ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସତ୍ୟାଗ୍ରହ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସାଂସଦ/ବିଧାୟକ/ରାଜ୍ୟସ୍ତରୀୟ ନେତୃବୃନ୍ଦ/ପୂର୍ବତନ ସାଂସଦ ଓ ବିଧାୟକ/ସାଂସଦ ପ୍ରାର୍ଥୀ/ବିଧାୟକ ପ୍ରାର୍ଥୀ/ଜିଲ୍ଲା କଂଗ୍ରେସ କମିଟି ସଭାପତି ଓ ପଦାଧିକାରୀ ଅଂଶଗ୍ରହଣ କରିବାପାଇଁ ନିବେଦନ କରିଛନ୍ତି। ସ୍ମରଣଥାଉ କି ନେସନାଲ ହେରାଲ୍ଡ ଖବରକାଗଜ ମାମଲାରେ ଭାରତ ସରକାରଙ୍କର ପ୍ରବର୍ତନ ନିର୍ଦ୍ଦେଶାଳୟ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କର ଇଙ୍ଗିତରେ ପରିଚାଳିତ ହୋଇ ଯେଉଁଭଳି ଭାବରେ ବିରୋଧିଦଳର ନେତୃବର୍ଗଙ୍କୁ ଅଯଥାରେ ବ୍ୟକ୍ତିଗତ ଆକ୍ରୋଶ ଏବଂ ଉଦ୍ଦେଶ୍ୟକୁ ସାଧିତ କରିବାପାଇଁ ଯେଉଁ ଅପଚେଷ୍ଟା କରୁଛନ୍ତି, ତାହା ବିରୋଧରେ ଏହି ସତ୍ୟାଗ୍ରହ ଅନୁଷ୍ଠିତ ହେଉଛି ବୋଲି ପିସିସି ମୁଖପାତ୍ର ରଜନୀ ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ବିଇଓଙ୍କୁ ଘେରିଲେ ଛାତ୍ରଛାତ୍ରୀ: ଅଭିଯୁକ୍ତ ଶିକ୍ଷକ ନିଲମ୍ବିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବିଜୟନଗରରେ ଥିବା ଏକ ବିଦ୍ୟାଳୟରେ ଜନୈକ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ବିଜ୍ଞାନ ଶିକ୍ଷକଙ୍କ ବିରୋଧରେ ତଦନ୍ତ କରିବାକୁ ଆସିଥିବା ବ୍ଲକ ଶିକ୍ଷାଧିକାରୀ ତନ୍ମୟ କୁମାର ବେହେରାଙ୍କୁ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅଭିଭାବକ, ଛାତ୍ରଛାତ୍ରୀମାନେ ଘେରାଉ କରିଥିଲେ। ମୁଖ୍ୟ ଫାଟକକୁ ତାଲା ମଧ ପକାଇ ଦେଇଥିଲେ। ଏଥିସହିତ ବିଦ୍ୟାଳୟକୁ ଆସୁଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମଧ ବିଦ୍ୟାଳୟ ହତା ମଧକୁ ପୁରାଇ ଦେଇ ନ ଥିଲେ। ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ସେମାନେ ପ୍ରାୟ ୨ ଘଣ୍ଟା କାଳ ଆନ୍ଦୋଳନ କରିଥିଲେ। ଏହି ସମୟରେ ଗଣଶିକ୍ଷା ମନ୍ତ୍ରୀ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀଙ୍କଠାରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନ ଆସିଥିଲା। ଫଳରେ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ତଦନ୍ତ ରିପୋର୍ଟ ପାଇବା ପରେ ବାଧହୋଇ ଜିଲ୍ଲା ଶିକ୍ଷା ଅଧିକାରୀ ଅଭିଯୁକ୍ତ ଶିକ୍ଷକ ବିଶ୍ୱମ୍ବର ପରିଡ଼ାଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ ଗତ ସୋମବାର ବିଜୟ ନଗରରେ ଥିବା ସଂପୃକ୍ତ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପିଲାଙ୍କ ପରୀକ୍ଷା ଚାଲିଥିଲା। ଏହି ସମୟରେ ବିଜ୍ଞାନ ଶିକ୍ଷକ ବିଶ୍ୱମ୍ବର ପରିଡ଼ା ଛାତ୍ରୀ ଜଣଙ୍କୁ ପଛ ବେଞ୍ଚକୁ ଯିବା ପାଇଁ କହିଥିଲେ। ଫଳରେ ଛାତ୍ରୀ ଜଣକ ପଛ ବେଞ୍ଚକୁ ଯାଇଥିଲେ। ଏହାର ସୁଯୋଗ ନେଇ ସଂପୃକ୍ତ ଶିକ୍ଷକ ଛାତ୍ରୀଙ୍କ ସହ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଘରକୁ ଫେରିବା ପରେ ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ କହିଥିଲେ। ଫଳରେ ପରିବାର ପକ୍ଷରୁ ମଙ୍ଗଳବାର ପ୍ରଧାନଶିକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗପତ୍ରକୁ ପ୍ରଧାନ ଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ପଠାଇଥିଲେ। ପରଦିନ ଅର୍ଥାତ ବୁଧବାର ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତ ଶିକ୍ଷକଙ୍କୁ ଗୁରୁବାର ରାଜନଗରକୁ ବଦଳି କରାଯାଇଥିଲା। ଏହାକୁ ନେଇ ଜନଅସନ୍ତୋଷ ବଢିଥିଲା। ଫଳରେ ଘଟଣାର ତଦନ୍ତ ପାଇଁ ବିଇଓ ତନ୍ମୟ କୁମାର ବେହେରା ଶୁକ୍ରବାର ବିଦ୍ୟାଳୟକୁ ଆସିଥିଲେ। ଆନ୍ଦୋଳନ ଖବର ପାଇ ବିଦ୍ୟାଳୟ ପରିସରକୁ ଆସିଥିବା ମହାକାଳପଡ଼ା ଥାନାଧିକାରୀ ମନୋରଞ୍ଜନ ଚୌଧୁରୀଙ୍କୁ ଛାତ୍ରଛାତ୍ରୀମାନେ ନିବେଦନ କରିଥିଲେ ଅଭିଯୁକ୍ତ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ। ଏପରିକି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରିବା ପାଇଁ ଛାତ୍ରଛାତ୍ରୀମାନେ ପୋଲିସର ଗୋଡ଼ ଧରିଥିଲେ। ଦୁଇଦିନ ମଧ୍ୟରେ ଅଭିଯୁକ୍ତ ଶିକ୍ଷକ ଗିରଫ ହେବେ ବୋଲି ଥାନାଧିକାରୀ ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ସରକାରୀ ଜମିରେ ବେଆଇନ୍ ଚିଙ୍ଗୁଡି ଘେରି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜମ୍ବୁ ପଞ୍ଚାୟତର କଣ୍ଡରାପାଟିଆରେ ୧୭୦ ଏକର ସରକାରୀ ଜମିକୁ ଜବରଦଖଲ କରି ଚିଙ୍ଗୁଡ଼ି ଚାଷ କରିଥିବା ଚିଙ୍ଗୁଡି ମାଫିଆ ଓ ପ୍ରଶାସନ ମଧ୍ୟରେ ଶୁକ୍ରବାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଚିଙ୍ଗୁଡି ମାଫିଆମାନେ କହିଥିଲେ ଯେ ଏହି ଜମିକୁ ସେମାନେ ପଟ୍ଟା କରିଛନ୍ତି। ମାଫିଆମାନେ ୨୦୧୦ ମସିହା ପରଠାରୁ ପଟ୍ଟା କରି ଏଠାରେ ଚିଙ୍ଗୁଡି ଚାଷ କରୁଛନ୍ତି। ତେଣୁ ଏହି ଜମି ସେମାନଙ୍କର। କିନ୍ତୁ ତହସିଲଦାର ଏହି ପଟ୍ଟାକୁ ରଦ୍ଦ କରି ଦେଇଛନ୍ତି। ଏହା ଜଙ୍ଗଲ ଜମି। ତେଣୁ ଏହାକୁ କେହି ପଟ୍ଟା କରି ନେଇପାରିବେ ନାହିଁ ବୋଲି ପ୍ରଶାସନ କହିଥିଲା। ୨୦୦୯-୧୦ ମସିହାରେ ଏହି ଜମିରେ ଲୁଣା ଜଙ୍ଗଲ ସୃଷ୍ଟି କରାଯିବା ପାଇଁ ଚାରା ରୋପଣ କରାଯାଇଥିଲା। ହେଲେ ଏହି ଚାରା ବଞ୍ଚି ନଥିଲା। ଫଳରେ ଏହାପରେ ଏହି ଜମିକୁ ଚିଙ୍ଗୁଡି ମାଫିଆମାନେ ଜବରଜଖଲ କରି ଚିଙ୍ଗୁଡି ଚାଷ କରୁଥିଲେ। ଏବେ ସେହି ଜମିରେ ପ୍ରଶାସନ ପୁନର୍ବାର ଲୁଣା ଜଙ୍ଗଲ ସୃଷ୍ଟି କରିବା ପାଇଁ ପ୍ରୟାସ କରି ଜେସିବି ଦ୍ୱାରା ନାଳ ଖୋଳିବାକୁ ଶୁକ୍ରବାର ଆସିଥିଲା। କାରଣ ଏହି ଜମିକୁ ଲୁଣାପାଣି ନମାଡିଲେ ଲୁଣା ଜଙ୍ଗଲ ସୃଷ୍ଟି ହୋଇ ପାରିବ ନାହିଁ। କିନ୍ତୁ ଏହାକୁ ମାଫିଆମାନେ ବିରୋଧ କରିଥିଲେ। ଫଳରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମଗାଯାଇଥିଲା। ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ନଳା ଖୋଳା କାର୍ଯ୍ୟ ହୋଇଥିଲା। ପ୍ରଶାସନ ଭୟରେ ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ରାଜନଗର ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଜମ୍ବୁ ରେଞ୍ଜର ସାହାଜୀ ବିଶ୍ୱାଳ, କନିକା ରେଞ୍ଜର ମାନସ କୁମାର ଦାସ, ରାଜନଗର ରେଞ୍ଜର ଚିତ୍ତରଞ୍ଜନ ବେହୁରା ପ୍ରମୁଖ ଘଟଣା ସ୍ଥଳକୁ ଆସିଥିଲେ। ସେହିପରି ଜମ୍ବୁ ସାମୁଦ୍ରିକ ଥାନାଧିକାରୀ ପରେଶ ମହାନ୍ତି, ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପତ୍ନୀଙ୍କୁ ମାଡ ମାରିବା ଅଭିଯୋଗରେ ସ୍ୱାମୀ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଚାରଗୋଠ ଗ୍ରାମରେ ପତ୍ନୀକୁ ମାଡମାରିବା ଅଭିଯୋଗରେ ପୁଲିସ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଏହି ଥାନା ଚାରଗୋଠ ଗ୍ରାମର ଟିଲୁଆ ମଲିକ (୩୮) ତାଙ୍କ ପତ୍ନୀ ସରସ୍ୱତୀ ମଲିକ (୩୫)ଙ୍କୁ ମାଡ ମାରିଥିଲେ । ଏସମ୍ପର୍କରେ ସରସ୍ୱତୀ ଥାନାରେ ଅଭିଯୋଗ କରିଥିଲେ । ଏଥିନେଇ ପୁଲିସ ୨୯୧/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଟିଲୁଆକୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

ସଂ ଗଛଦ୍ଧ୍ବଂ ସଂ ବଦଦ୍ଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜୁଲାଇ ୨୬

# ଏକାଗ୍ରତା



ଜୀବନରେ ସଫଳତା ପ୍ରାପ୍ତି ପାଇଁ ଏକାଗ୍ରତା ସାଧନା ପଥରେ ଅପରିହାର୍ଯ୍ୟ । ମନକୁ ନ ମାରିବା ଯାଏଁ ଏକାଗ୍ରତା ମିଳିପାରି ନଥାଏ । ମନକୁ ମାରିବା ଅର୍ଥ ଦେହ ଅଭିମାନକୁ ଭସ୍ମ କରିଦେବା । ଇନ୍ଦ୍ରିୟମାନଙ୍କ ସମେତ ସମଗ୍ର ଶରୀର ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଜାରି କରିପାରିବା, ସେତେବେଳେ ହିଁ ଜଣେ ନିଜ ମନ ଉପରେ ବିଜୟ ହାସଲ କରିପାରେ ବା ମନକୁ ଜିତିପାରେ ଯେତେବେଳେ ମନର କୌଣସି ଗୋଟିଏ ହେଲେ ଇଚ୍ଛାକୁ ସେ ପୂରଣ କରି ନଥାଏ । ମନ ଆମର କ୍ରୀତଦାସ ଭଳି । ଆମର ନିର୍ଦ୍ଦେଶ ବା ଆଦେଶକୁ ଇନ୍ଦ୍ରିୟମାନଙ୍କ ସହାୟତାରେ ପାଳନ କରିବା ହିଁ ତାର କାମ । ମାତ୍ର ଅଧିକାଂଶ ସମୟରେ ଜୀବମାନେ ପଞ୍ଚ ବିକାରର ବଶବର୍ତ୍ତୀ ହୋଇ ମନକୁ କ୍ରୀତଦାସ ଆସନରୁ (ଚରଣ ପାଖରୁ) ଉଠେଇ ଆଣି ଶୀର୍ଷାସନରେ ବସାଇ ଦେଇଥାନ୍ତି । ଯଦ୍ୱାରା ପରବର୍ତ୍ତୀ ସମୟରେ ଲଗାମ ଲଗାଇବାକୁ ଚେଷ୍ଟା କଲାବେଳେ ସିଏ ଆଉ ସହଜରେ ବୋଲ ମାନି ନଥାଏ । ସେଥିପାଇଁ କୁହାଯାଇଛି–

*''ରାଜ୍ୟ ଜିଣିଲେ ରାଜା ଲଭଇ ଖ୍ୟାତି ।*
*ବୀର ସମର ଜିଣି ରଖେ କୀରତି ।*
*ନିଜ ହୃଦୟ ଯେହୁ ପାରଇ ଜିଣି ।*
*ସଂସାରେ ସେହି ବୀର ମଉଡ଼ମଣି ।''*

ସ୍ୱଭାବରେ ଅତି ଚଞ୍ଚଳରୂପୀ ଏହି ମନ ରୂପକ ଏକାଦଶ ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିବା ପାଇଁ ଏକାଗ୍ରତା ଆବଶ୍ୟକ । ଏହି ଏକାଗ୍ରତା ସମ୍ବନ୍ଧରେ ପଢ଼ିଥିବା ଗଳ୍ପଟିଏ ଏଠାରେ ଉପସ୍ଥାପନ କରୁଛି । ରାମୁ ନାମରେ ବାଳକଟିଏ । ବୟସ ଦଶ/ବାର ବର୍ଷ ହେବ । ପିଲାଟି ଦିନରୁ ପାଠଶାଠ ପଢ଼ିଲାନି । ସକାଳୁ ସକାଳୁ ପଖାଳ ଗଣ୍ଡାଏ ଠୁଙ୍କି ଦେଇ, ଗାଁ ଗୋଟିକର ଗାଈମାନଙ୍କୁ ନେଇ ତୋଟାମାଳରେ ବୁଲେ, ଗାଈ ଜଗେ, ସନ୍ଧ୍ୟା ବେଳକୁ ଘରକୁ ଫେରେ । ଦିନକର କଥା । ସୂର୍ଯ୍ୟ ଅସ୍ତମିତ ହେବାର ସମୟ । ଦଳକୁ ଦଳ ପକ୍ଷୀ କିଚିରିମିଚିରି ଶବ୍ଦ କରି ବସାକୁ ବାହୁଡ଼ିବାର ବେଳ । ରାମୁ ଆମ୍ବତୋଟାର ଗୋଟିଏ ଆମ୍ବଡାଳରେ ଗୋଡ଼କୁ ଲମ୍ବେଇ ଦେଇ ବସିଛି । ସୁଲୁସୁଲିଆ ପବନ ବୋହୁଛି । ପ୍ରକୃତିର ଏପରି ମନୋରମ ଦୃଶ୍ୟରେ ତାର ମନ ପ୍ରାଣ ସତେ ଯେପରି ଆନନ୍ଦରେ ପୂରିଯାଉଛି । ଅତି ଖୁସିରେ ଉଲ୍ଲସିତ ହୋଇ ସେ ଗୀତ ବୋଲୁଛି, "କଳା କଳେବର କହ୍ନେଇ....ସଙ୍ଗେ ରୋହିଣୀ ସୁତ । କରନ୍ତି ମଥୁରା ବିଜୟ ଦାଣ୍ଡେ ଦେଖ ସଙ୍ଗାତ ।" ହଠାତ୍ ରାମୁ ଦେଖିବାକୁ ପାଇଲା, ଆମ୍ବ ତୋଟାର ଅନତି ଦୂରରେ ବହି ଯାଉଥିବା ଏକ କ୍ଷୁଦ୍ର ନଦୀରେ ସାଧୁ ଜଣେ ସ୍ନାନ ସମାପନ କରି ଅସ୍ତ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ଅଣ୍ଟ ପାଣିରେ ଗୋଟିଏ ଗୋଡ଼ରେ ଠିଆ ହୋଇଛନ୍ତି । ବାମ ଗୋଡ଼ଟି ଡାହାଣ ଗୋଡ଼ରେ ଆଣ୍ଠୁ ଉପରକୁ ରଖିଛନ୍ତି । ବାମ ହସ୍ତର ଦୁଇ ଆଙ୍ଗୁଠି ମାଧ୍ୟମରେ ନାକର ଦୁଇ ପୁଡ଼ାକୁ ଚିପି ଧରିଛନ୍ତି । ଚକ୍ଷୁ ଯୁଗଳ ମୁଦ୍ରିତ ଅଛି । ରାମୁ ଦେଖିଲା ସାଧୁ ଏପରି ପ୍ରାୟ ଦୁଇ/ତିନି ମିନିଟ୍ କରିସାରି ଆଖି ଖୋଲିଲେ ଏବଂ ନଈ ଭିତରୁ କୂଳକୁ ଉଠି ଆସିଲେ । ପିଲାଟି ତାଙ୍କ ନିକଟକୁ ଯାଇ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ଗୋସେଇଁ ମହାପୁରୁ ଆପଣ ଏମିତି କଷ୍ଟ କରି ଆଖି ବୁଜି ନାକପୁଡ଼ା ବନ୍ଦ କରି, ନିଃଶ୍ୱାସ ନ ନେଇ, ଗୋଟିଏ ଗୋଡ଼ରେ ଠିଆହୋଇ କ'ଣ କରୁଥିଲେ ଓ ଏପରି କଲେ କ'ଣ ମିଳିଥାଏ ?" ସାଧୁ ଜଣକ ଛୋଟ ପିଲାଟିର ମନରେ ଉଙ୍କି ମାରିଥିବା ଏହି ଜଟିଳ ପ୍ରଶ୍ନର ଉତ୍ତର କ'ଣ ଦେବେ ଚିନ୍ତା କରିପାରିଲେନି । ପିଲାଟିକୁ ଏଡ଼େଇ ଯିବାକୁ ମିଛଟିଏ କହିଦେଲେ । କହିଲେ ମୁଁ ସନ୍ଧ୍ୟା କରୁଥିଲି । ଏପରି କଲେ ଭଗବାନ ଦର୍ଶନ ଦିଅନ୍ତି ।

ପିଲାଟି ସାଧୁଗୋସେଇଁଙ୍କ ମୁହଁରୁ ଏହି ଉତ୍ତରଟି ପାଇ ଏକାନିଃଶ୍ୱାସକେ ଧାଇଁ ଧାଇଁ କିଛି ବାଟ ଚାଲିଗଲା । ନଈରେ ବୁଡ଼ଟାଏ ପକେଇ ସାଧୁଗୋସେଇଁ ଯେପରି ଠିଆ ହୋଇଥିଲେ, ସେହିପରି ଠିଆହୋଇ ରହିଲା । ଆଖି ବୁଜିଦେଲା । ବାମ ଗୋଡ଼ଟି ଡାହାଣ ଗୋଡ଼ର ଆଣ୍ଠୁ ଉପରେ ରଖିଲା ଏବଂ ବାମ ହସ୍ତର ଦୁଇ ଆଙ୍ଗୁଠିରେ ନାକର ଦୁଇ ପୁଡ଼ାକୁ ଚିପି ଧରିଲା, ଯେପରି ନିଃଶ୍ୱାସ/ପ୍ରଶ୍ୱାସ ଆଉ ନେଇହେବ ନାହିଁ । ଏକାଗ୍ର ଚିତ୍ତରେ ଭଗବାନଙ୍କୁ ଡାକି ଚାଲିଲା, ଦର୍ଶନ ଦିଅ ପ୍ରଭୁ, ମୋତେ ବି ଦର୍ଶନ ଦିଅ, ଯେପରି ସେହି ସାଧୁ ଗୋସେଇଁଙ୍କୁ ଦେଉଛ । ଭଗବାନଙ୍କ ଆସନ ସେପଟେ ଟଳମଳ ହେଲା । ଛୋଟିଆ ବାଳକଟିଏ । ତା'ର ଅକପଟ ସରଳ ତରଳ ହୃଦୟରେ ଭଗବାନଙ୍କୁ ଡାକି ଚାଲିଛି । ଆଉ ବିଳମ୍ବ କଲେ ପିଲାଟି ହୁଏତ ନିଃଶ୍ୱାସ ନ ନେଇପାରି ମୃତ୍ୟୁବରଣ କରିପାରେ । ତେବେ ବିଧାତାଙ୍କ କପାଳରେ କଳଙ୍କ ବୋଲି ହୋଇଯିବ । ପ୍ରଭୁ ଆଉ ଧୈର୍ଯ୍ୟ ଧରି ନ ପାରି ବାଳଗୋପାଳ ରୂପରେ ନଈ କୂଳରେ ଉଭା ହୋଇପଡ଼ି କହିଲେ, "ଆରେ ହେ ରାମୁ, ଆଖି ଖୋଲ, ଦେଖ, ମୁଁ ପରା ଆସି ତୋ ପାଖରେ ଠିଆ ହେଲିଣି । ଆ ! ଉଠିଆ ଏଥର । ପ୍ରଭୁଙ୍କ ବାଣୀରେ ପିଲାଟିର ଧ୍ୟାନଭଗ୍ନ ହେଲା । ଦେଖିଲା କୂଳରେ ବାଳକଟିଏ ଠିଆ ହୋଇଛି, ତାରି ସମାନ ବୟସର । ଘନନୀଳ ଶ୍ୟାମଳ ଅଙ୍ଗ, କର୍ଣ୍ଣରେ କୁଣ୍ଡଳ, ମଥାରେ ମୁକୁଟ, ପାଟ ପୀତାମ୍ବରୀ, ହାତରେ ମୁରଲୀ, ପାଦରେ ନୂପୁର, ଅଣ୍ଟାରେ ରତ୍ନମେଖଳା, ଗଳାରେ ରତ୍ନହାର, ମଥାରେ ଗୋରଚନା, ହୃଦୟରେ ଶ୍ରୀବତ୍ସ ପାଦଚିହ୍ନ, କୁଞ୍ଚୁକୁଞ୍ଚିଆ ଘନ କେଶରାଶିରେ ମୟୂର ଚନ୍ଦ୍ରିକା, ହାତରେ କଙ୍କଣ, ବାହୁରେ ବାହୁଟି, କମନୀୟ ମନଲୋଭା ରୂପକାନ୍ତି, ପିଲାଟି ଦଣ୍ଡେ ଚାହିଁ ରହିଲା । ତା' ମନରେ ସନ୍ଦେହ ଆସିଲା, ଯେ କ'ଣ ସାଧୁ ଗୋସେଇଁଙ୍କୁ ଦର୍ଶନ ଦେଉଥିବା ସେହି ଭଗବାନ ! ନା ମୋ' ସହ କେହି ଆସି ଛଳନା କରୁଛି ! ପିଲାଟି ହଠାତ୍ ନଈ ଉପରକୁ ଉଠିଆସି ଗୋଟିଏ ଦଉଡ଼ିରେ ସେହି ବାଳଗୋପାଳଙ୍କୁ ଆମ୍ବଗଛରେ ବାନ୍ଧି ପକେଇଲା । କହିଲା, ଆପଣ ଭଗବାନ କି ନୁହେଁ ମୁଁ ଜାଣିନି । ମୁଁ ସେହି ସାଧୁଗୋସେଇଁଙ୍କୁ ଡାକି ଆଣୁଛି । ସିଏ ଦେଖିଲେ କହିପାରିବେ, ତୁମେ ସତ ଭଗବାନ କି ନୁହେଁ ? ମୁଁ ଏଇ ଗଲି, ଏଇ ଆସିଲି । କହି ଦୌଡ଼ିଗଲା ଏକା ନିଃଶ୍ୱାସକେ ।

ସାଧୁଗୋସେଇଁଙ୍କୁ ହାତଧରି ନେଇ ଆସିଲା ଗଛ ମୂଳକୁ, ଯେଉଁଠାରେ ବାଳଗୋପାଳରୂପୀ ଭଗବାନ ସେହି ପିଲାଟିର ସରଳ ତରଳ ଭକ୍ତି ଆଗରେ ବନ୍ଧା ପଡ଼ିଯାଇଥିଲେ । ବାନ୍ଧି ହୋଇଯାଇଥିଲେ । ସାଧୁ ଗୋସେଇଁ ନିଜ ଆଖିକୁ ବିଶ୍ୱାସ କରିପାରିଲେନି । ଲମ୍ବ ହୋଇ ପାଦତଳେ ପଡ଼ିଗଲେ । ଆଖିରୁ ବହୁଥିଲା ଧାର ଧାର ଲୁହ । ହଠାତ୍ ବାଳଗୋପାଳରୂପୀ ଭଗବାନ ଅନ୍ତର୍ଦ୍ଧାନ ହୋଇଗଲେ । ସାଧୁଗୋସେଇଁ ଏବେ ରାମୁକୁ ଜାକି କୁଣ୍ଢେଇ ପକେଇଲେ । କୋହ ଛଳଛଳ ହୋଇ କହିଲେ, ଆରେ ବାଳକ, ତୁ ଆଜିଠୁ ମୋର ଗୁରୁ । ଦୀର୍ଘଦିନ ତପସ୍ୟା, ତ୍ୟାଗ, ସାଧନା ବଳରେ ଯାହା ପାଇ ନ ଥିଲି, ତାହା ଆଜି ତୋରି ସରଳ ତରଳ ଅନାବିଳ ଭକ୍ତି ଯୋଗୁଁ ପାଇଗଲି । ପ୍ରକୃତରେ ମୁଁ ତୋତେ ମିଛ କହିଥିଲି । ମୁଁ ଭଗବାନଙ୍କୁ ଆଗରୁ କେବେ ଦେଖି ନଥିଲି । ତୋର ପ୍ରଶ୍ନକୁ ଏଡ଼େଇଯିବାକୁ ତୋତେ ଏମିତି କହିଦେଇଥିଲି । ହେଲେ ତୋର ଏକାଗ୍ରତା ପାଖରେ ପ୍ରଭୁ ଆସି ଆଜି ସତକୁ ସତ ବନ୍ଧା ପଡ଼ିଗଲେ । ତୁ ଏକ ମହାନ୍ ଭକ୍ତ, ମହାନ୍ ସନ୍ଥ, ମହାନ୍ ଗୁରୁ । କାରଣ ପରମାତ୍ମା ପ୍ରାପ୍ତି ଲାଗି ଯେଉଁ ଜିନିଷର ଆବଶ୍ୟକତା ଅଛି, ତାହା ତୋ ପାଖରେ ଅଛି । ତାହା ହେଲା ନିଷ୍କପଟ ହୃଦୟ, ସଂଶୟହୀନ ବିଶ୍ୱାସ, ସମ୍ପୂର୍ଣ୍ଣ ସମର୍ପଣ, ଅନାବିଳ ଭକ୍ତି, ସର୍ବୋପରି ଏକାଗ୍ରତା । ରାମୁ ବଡ଼ବଡ଼ ଆଖିରେ ସାଧୁ ଗୋସେଇଁଙ୍କୁ କେବଳ ଅନେଇ ରହିଥିଲା । ଅସ୍ତଗାମୀ ସୂର୍ଯ୍ୟଙ୍କ ସୁନେଲୀ କିରଣରେ ନଦୀଜଳ ଚିକ୍‌ମିକ୍ କରୁଥିଲା । ଗଛପତ୍ର ସନ୍ଧିରୁ ଘନେଇ ଆସୁଥିଲା ମେଞ୍ଚା ମେଞ୍ଚା ଅନ୍ଧାର ।

**ଡ. ପ୍ରତିଭା ମହାରଥୀ,** ଖାରବେଳନଗର, ୟୁନିଟ୍–୩, ଭୁବନେଶ୍ୱର, ମୋ–୯୪୩୭୦୩୬୮୦୯

## ଆଜିର ଅନୁଚିନ୍ତା

*ଦୂରରେ ଥାଇ ରାଜା ଚର ବା ଗୁପ୍ତଚର ଆଖିରେ ସବୁ ଦେଖିପାରନ୍ତି ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଭାରତୀୟ ଜ୍ଞାନ, ବିଜ୍ଞାନ ଓ ବୈଜ୍ଞାନିକ

ଉମାଶଙ୍କର ପ୍ରସାଦ



ଭାରତୀୟ ବିଜ୍ଞାନ ହେଉଛି ବିଶ୍ୱରେ ଅନୁପମ । ୟୁରୋପରେ ନବଜାଗରଣରେ ଆଧୁନିକ ବିଜ୍ଞାନର ଅଭ୍ୟୁଦୟ ହେଲା । କିନ୍ତୁ ସେମାନେ ଆବିଷ୍କାର କରିଥିବା ଅନେକ ତତ୍ତ୍ୱ ବହୁପୂର୍ବରୁ ଏହି ପୁଣ୍ୟ ମାଟି ଭାରତରେ ଆବିଷ୍କୃତ ହୋଇଥିଲା । ମାତ୍ର ଦୁଃଖର ବିଷୟ ବିଜ୍ଞାନ ଐତିହାସିକମାନେ ଭାରତୀୟ ବୈଜ୍ଞାନିକମାନଙ୍କର ଆବିଷ୍କାରକୁ ଜାଣି ନ ପାରି ବିଭିନ୍ନ ତତ୍ତ୍ୱର ଆବିଷ୍କାର ଗୌରବ ୟୁରୋପୀୟ ବୈଜ୍ଞାନିକମାନଙ୍କୁ ଦେଇଛନ୍ତି । ଏପରିକି ଆମ ଦେଶର ଅନେକ ବିଜ୍ଞ ବ୍ୟକ୍ତି ମଧ୍ୟ ପ୍ରାଚୀନ ଭାରତୀୟ ଜ୍ଞାନବିଜ୍ଞାନ ସମ୍ବନ୍ଧରେ ଅଜ୍ଞ ଥାଇ ୟୁରୋପୀୟ ବିଜ୍ଞାନର ପ୍ରଶଂସା କରିଥା'ନ୍ତି । ଆଜିକାର ପିଲାମାନେ ଆର୍କମେଡିସ୍, ଗାଲିଲିଓ, ନିଉଟନ୍ ଆଦିଙ୍କ ଜୀବନୀ ଓ ଉଦ୍ଭାବନ ସହିତ ଭଲଭାବେ ପରିଚିତ ଥିବାବେଳେ, ଆମ ଦେଶର ପୁରାତନ ବୈଜ୍ଞାନିକ, ବୌଧାୟନ, ଚରକ-ସୁଶ୍ରୁତ-ବାଗ୍‌ଭଟ୍ଟ ଓ କଣାଦଙ୍କ ନାମ ଅନେକ ଶୁଣି ନ ଥିବେ । ଚରକ-ସୁଶ୍ରୁତ-ବାଗ୍‌ଭଟ୍ଟ ପ୍ରାଚୀନ ଆୟୁର୍ବେଦ ଜଗତର ତ୍ରିବେଣୀ ତୀର୍ଥ । ଏହି ତିନିଜଣ ଆୟୁର୍ବେଦ ଆଚାର୍ଯ୍ୟଙ୍କ ଯୋଗୁଁ ଆଜି ସମଗ୍ର ଭାରତବର୍ଷ ବିଶ୍ୱବନ୍ଦ୍ୟ । ପ୍ରାଚୀନ ଭାରତ ଜ୍ୟୋତିର୍ବିଦ୍ୟା, ଚିକିତ୍ସାଶାସ୍ତ୍ର, ଭୌତିକ ବିଜ୍ଞାନ ଓ ଗଣିତରେ ପରାକାଷ୍ଠା ଅର୍ଜନ କରିଥିଲା ଏବଂ ଏହିସବୁ ବିଷୟରେ ଅନେକ ତତ୍ତ୍ୱ ଏଠାରେ ଆବିଷ୍କୃତ ହୋଇଥିଲା । ଭାରତରେ ବିଜ୍ଞାନର ଆଦ୍ୟ ପ୍ରୟୋଗ ସିନ୍ଧୁ ସଭ୍ୟତାରୁ ଜଣାପଡେ । ଆଜକୁ ପ୍ରାୟ ୪୦୦୦ ବର୍ଷ ତଳେ ମହେଞ୍ଜୋଦାରୋ ଓ ହରପ୍ପାଠାରେ ପ୍ରତିଷ୍ଠିତ ହୋଇଥିବା ସହରର ନିର୍ମାଣ ଶୈଳୀ ଦେଖିଲେ ସେମାନେ ଯେ ବିଜ୍ଞାନୋନ୍ନତ ଥିଲେ ତାହା ପ୍ରମାଣ ମିଳେ । ଆର୍ଯ୍ୟମାନଙ୍କ ଦ୍ୱାରା ସେତେବେଳେ ଉତର ଭାରତରେ ଏକ ଉନ୍ନତ ସଭ୍ୟତା ସ୍ଥାପନ କରିଥିଲେ ଏବଂ ସେମାନଙ୍କ ଦ୍ୱାରା ପ୍ରଣିତ ବେଦ ହେଉଛି, ସେତେବେଳର ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ ଓ ଧର୍ମବିଶ୍ୱାସର ଏକ ପ୍ରତିଛବି । ବେଦରେ ଅନେକ ବୈଜ୍ଞାନିକ ତଥ୍ୟର ପ୍ରମାଣ କରାଯାଇଛି । ଏଥିସହିତ ରୋଗ, ତା'ର ନିରାକରଣ ପ୍ରଣାଳୀ ଓ ଜ୍ୟୋତିର୍ବିଜ୍ଞାନ ଚର୍ଚ୍ଚା କରାଯାଇଛି । ପଂଚଦଶ ଶତାବ୍ଦୀରେ ପୋଲାଣ୍ଡର ଜ୍ୟୋତିର୍ବିଦ୍ କୋପରନିକସ୍ ସୌରକୈନ୍ଦ୍ରିକ ମତ ଉପସ୍ଥାପନ କଲେ । ତାଙ୍କ ମତ ଅନୁସାରେ ସୂର୍ଯ୍ୟସ୍ଥିର ଏବଂ ପୃଥିବୀ ସମେତ ସମସ୍ତ ଗ୍ରହ ତା' ଚାରିପଟେ ପରିକ୍ରମା କରୁଛନ୍ତି । ଏହାପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ ବିଶ୍ୱର କେନ୍ଦ୍ର ହେଉଛି ପୃଥିବୀ । ଏହାକୁ କେନ୍ଦ୍ରକରି ଚନ୍ଦ୍ର, ସୂର୍ଯ୍ୟ, ଗ୍ରହଗୁଡିକ ପରିଭ୍ରମଣ କରୁଛନ୍ତି । ଭୂକୈନ୍ଦ୍ରିକ ମତରେ ପୃଥିବୀକୁ ଗୋଟିଏ ଗ୍ରହ ମନେକରାଯାଉ ନ ଥିଲା । କୋପରନିକସ୍ ଜ୍ୟୋତିର୍ବିଜ୍ଞାନର ବିକାଶରେ ଯଥେଷ୍ଟ ସାହାଯ୍ୟ କଲା । ଆଜି ମଧ୍ୟ ଅନେକ ଶିକ୍ଷକ ଜାଣି ନ ଥିବେ ଭାରତରେ ପଂଚମ ଶତାବ୍ଦୀରେ ବିଶିଷ୍ଟ ଗଣିତଜ୍ଞ ତଥା ଜ୍ୟୋତିର୍ବିଦ୍ ଆର୍ଯ୍ୟଭଟ୍ଟ ତାଙ୍କର କାଳଜୟୀ ପୁସ୍ତକ "ଆର୍ଯ୍ୟଭଟ୍ଟୀୟ"ରେ ଲେଖିଯାଇଛନ୍ତି ଯେ, ପୃଥିବୀ ସ୍ଥିର ନୁହେଁ ଏବଂ ଏହା ନିଜ ଅକ୍ଷ ଚାରିପଟେ ଘୁରୁଛି । ତାଙ୍କ ମତରେ ପୃଥିବୀର ଆବର୍ତନ ଗତି ଯୋଗୁଁ ଦିନରାତି ସମ୍ଭବ ହେଉଛି । "ଆର୍ଯ୍ୟଭଟ୍ଟୀୟ" ପୁସ୍ତକର "ଗୋଳପାଦ" ଅଧ୍ୟାୟର ନବମ ଶ୍ଳୋକରେ କହିଛନ୍ତି:- "ଅନୁଲୋମଗତିର୍ନୌସ୍ଥଃ ପଶ୍ୟତ୍ୟ ଚଳଂ ବିଲୋମପଂ ଜଦ୍‌ବତ୍ । ଅଚଳାନି ଭାନି ତଦ୍‌ବତ୍ ସମପଶ୍ଚିମଗାମି ଲଙ୍କାୟାଂ ।

ଅର୍ଥାତ ଜଣେ ବ୍ୟକ୍ତି ଡଙ୍ଗାରେ ବସି ଆଗକୁ ଯାଉଥିବାବେଳେ ତାକୁ ସ୍ଥିର ବସ୍ତୁଗୁଡିକ ପଛକୁ ଗତି କରୁଥିବାର ଦେଖାଯାଉଥିବା ଭଳି ଲଙ୍କାରେ (ବିଷୁବ ରେଖାରେ ଅବସ୍ଥିତ) ସ୍ଥିର ନକ୍ଷତ୍ରଗୁଡିକ ପଶ୍ଚିମକୁ ଗତି କଲାଭଳି ଜଣାପଡେ । ଆର୍ଯ୍ୟଭଟ୍ଟ ଲେଖିଛନ୍ତି ଯେ ପୃଥିବୀ ନିଜର ଅକ୍ଷରେ ପଶ୍ଚିମରୁ ପୂର୍ବକୁ ଘୁରୁଥିବାରୁ ନକ୍ଷତ୍ରଗୁଡିକ ପୃଥିବୀର ଲୋକଙ୍କୁ ଠିକ୍ ସେହି ବେଗରେ ପଶ୍ଚିମକୁ ଗତି କରୁଥିବାର ଜଣାପଡେ । ସେ ପୃଥିବୀର ଆବର୍ତନ ସମୟକୁ ୨୩ ଘଂଟା ୫୬ ମିନିଟ୍ ୪.୧ ସେକେଣ୍ଡ ଲେଖିଛନ୍ତି ଏହାର ଆଧୁନିକ ମୂଲ୍ୟ ହେଉଛି ୨୩ ଘଂଟା ୫୬ ମିନିଟ୍ ୪.୦୯ ସେକେଣ୍ଡ ।

ଆଜକୁ ୧୫୦୦ ବର୍ଷ ତଳେ ଏତେ ସଠିକ୍ ଗଣନାକୁ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସେହିପରି ସେ ଲେଖିଥିଲେ ବର୍ଷକ ହେଉଛି ୩୬୫ ଦିନ ୬ ଘଂଟା ୧୨ ମିନିଟ୍ ୩୦ ସେକେଣ୍ଡ । ଆଧୁନିକ ଗଣନାରେ ଏହାର ମୂଲ୍ୟ ହେଉଛି ୩୬୫ ଦିନ ୫ ଘଂଟା ୫୫ ମିନିଟ୍ ୧୧ ସେକେଣ୍ଡ । ପୃଥିବୀ ଓ ଚନ୍ଦ୍ରର ଛାୟାଜନିତ ପ୍ରାକୃତିକ ଘଟଣା ଯୋଗୁଁ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସଂଘଟିତ ହେଉଛି ବୋଲି ସେ ଲେଖିଛନ୍ତି । ସପ୍ତଦଶ ଶତାବ୍ଦୀର ଶେଷଭାଗରେ ଇଂରେଜୀ ବୈଜ୍ଞାନିକ ନିଉଟନ୍ ମାଧ୍ୟାକର୍ଷଣ ନିୟମ ଆବିଷ୍କାର କରି କହିଲେ ପୃଥିବୀର ମାଧ୍ୟାକର୍ଷଣ ବଳଯୋଗୁ ଉପରକୁ ଫିଙ୍ଗୁଥିବା ବସ୍ତୁ ପୃଥିବୀ ନିଜ ଆଡକୁ ଟାଣୁଛି । କିନ୍ତୁ ଭାରତୀୟ ବୈଜ୍ଞାନିକ ଭାସ୍କରାଚାର୍ଯ୍ୟ ଦ୍ୱାଦଶ ଶତାବ୍ଦୀରେ ସିଦ୍ଧାନ୍ତ ଶିରୋମଣି ପୁସ୍ତକ ରଚନା କରି ଏହାର ଗୋଳାଧ୍ୟାୟ ଖଣ୍ଡରେ ଉଲ୍ଲେଖ କରିଛନ୍ତି "ଆକୃଷ୍ୟତେ ଯତ୍ ଯତୀତି ଭାତି ଅସ୍ଥଂ ଗୁରୁଂ ସ୍ୱାଭିମୁଖଂ ସ୍ୱଶକ୍ତ୍ୟା", ଅର୍ଥାତ୍ ପୃଥିବୀ ନିଜ ଓଜନ ଯୋଗୁ ସମସ୍ତ ବସ୍ତୁକୁ ନିଜ ଆଡକୁ ଆକର୍ଷଣ କରିଆଣୁଛି । ଏହାପୂର୍ବରୁ ମହର୍ଷି କଣାଦ ଖ୍ରୀ.ପୂ. ପଂଚମ ଶତାବ୍ଦୀରେ ମାଧ୍ୟାକର୍ଷଣକୁ "ଗୁରୁତ୍ୱ" ଶବ୍ଦରେ ଅଭିହିତ କରିଛନ୍ତି । ସେ ମଧ୍ୟ "ବୈଷୟିକ ସୂତ୍ର" ନାମକ ଗୋଟିଏ ଗ୍ରନ୍ଥ ରଚନା କରିଥିଲେ । ତାଙ୍କ ମତରେ ବସ୍ତୁର ଅନ୍ତିମ ପରିଣତି ହେଉଛି ପରମାଣୁ । ଏହି କ୍ଷୁଦ୍ରାତିକ୍ଷୁଦ୍ର ପରମାଣୁ ସଂଯୋଗରେ ବସ୍ତୁର ସୃଷ୍ଟି ଓ ବସ୍ତୁଦ୍ୱାରା ହିଁ ବିଶ୍ୱ ସୃଷ୍ଟି ହୋଇଛି । ଅଷ୍ଟମ ଶତାବ୍ଦୀର ରସାୟନ ବିଜ୍ଞାନୀ ନାଗାର୍ଜ୍ଜୁନ ପାତନ, ଉର୍ଦ୍ଧ୍ୱପାତନ, ଅଧଃପତନ, ତୀର୍ଯ୍ୟକ୍ ପତନ, ଦହନ ଆଦି ଆବିଷ୍କାର କରିଥିଲେ । ଏହି ରସାୟନ ପଦ୍ଧତିଗୁଡିକୁ ସେ ତାଙ୍କ ପୁସ୍ତକ "ରସ ରତ୍ନାକର"ରେ ଲିପିବଦ୍ଧ କରିଛନ୍ତି । ସେ ଏଥିରେ ପାରଦର ବିଭିନ୍ନ ଯୌଗିକ ପଦାର୍ଥର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ବର୍ଣ୍ଣନା କରିଛନ୍ତି ।

ଧାତୁ ବିଦ୍ୟାରେ ମଧ୍ୟ ପ୍ରାଚୀନ ଭାରତ ଉତ୍କର୍ଷ ଲାଭ କରିଥିଲା । ଭାରତୀୟମାନେ ପ୍ରଥମେ ସୁନାର ବ୍ୟବହାର ଜାଣିଥିଲେ । ଛାନ୍ଦୋଗ୍ୟ ଉପନିଷଦରେ ସୁନା, ରୂପା, ଟିଣ, ସୀସା ଓ ଲୌହ ଆଦି ପଂଚଧାତୁର ନାମ ଉଲ୍ଲେଖ ରହିଛି । ଏହି ଲୁହାର ନିର୍ମିତ "ତାମସ୍କସ୍ ଖଣ୍ଡା" ଏକ କିମ୍ବଦନ୍ତୀରେ ପରିଣତ ହୋଇଛି । ଭାରତୀୟ ଲୌହ ଧାତୁବଳୀର ଅନ୍ୟ ଏକ ନିଦର୍ଶନ ହେଉଛି ଦିଲ୍ଲୀର ଲୌହସ୍ତମ୍ଭ । ଦୀର୍ଘ ୧୫୦୦ ବର୍ଷ ଧରି ଖରା ଓ ବର୍ଷାରେ ରହିଥିଲେ ମଧ୍ୟ ଏଥିରେ ଅଦ୍ୟାବଧି କଳଙ୍କି ଲାଗିନାହିଁ । ଆଜିର ଆଧୁନିକ ବିଜ୍ଞାନ ଏହାର ବିଭିନ୍ନ ଉପାଦାନକୁ ଜାଣିବାରେ ସମର୍ଥ ହୋଇପାରିନି ।

ପ୍ରାଚୀନ ଶାସ୍ତ୍ରରେ ଗଣିତ ଶାସ୍ତ୍ରର ବହୁତ ବିକାଶ ହୋଇଥିଲା । ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ ଓ ଭାସ୍କରାଚାର୍ଯ୍ୟ ଆଦି ଜ୍ୟୋତିର୍ବିଦ୍‌ମାନେ "ଖଗୋଳ" ଗବେଷଣା କରିବାକୁ ଯାଇ ପାଟୀଗଣିତ, ବୀଜଗଣିତ, ତ୍ରିକୋଣମିତି, ଜ୍ୟାମିତି ଓ କାଲ୍‌କୁଲସ୍ ଆଦି ବିଭିନ୍ନ ଗାଣିତିକ ବିଭାଗର ଅନୁଶୀଳନ କରିଥିଲେ । ହିନ୍ଦୁ ଗାଣିତିକମାନଙ୍କର ଗଣିତ ଶାସ୍ତ୍ର ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଉଛି "ଶୂନ"ର ବ୍ୟବହାର । ଏହାସହିତ ସେମାନଙ୍କ ଦ୍ୱାରା ଉଦ୍ଭାବିତ ଦଶମିକ ସଂଖ୍ୟା ପଦ୍ଧତି ସଂଖ୍ୟାଲିଖନ୍ ପ୍ରଣାଳୀକୁ ଅତି ସଂକ୍ଷିପ୍ତ କରିଦେଲା । ଏହି ସଂଖ୍ୟା ପଦ୍ଧତିକୁ ଆରବୀୟମାନେ ଭାରତରୁ ଶିଖି ଶିଖି ୟୁରୋପୀୟମାନଙ୍କୁ ଶିଖାଇଥିଲେ । ମାତ୍ର ପରେ ଏହାର ପ୍ରକୃତ ଉତ୍ସର ଦେଶର ନାମ ଜଣାପଡିବା ପରେ ବର୍ତମାନ ଏହା "ହିନ୍ଦୁ ଆରବୀୟ ସଂଖ୍ୟା ପଦ୍ଧତି" ନାମରେ ଜଣାପଡିଛି । ଗଣିତ ବିଜ୍ଞାନକୁ ଭାରତର ଅବଦାନକୁ ସମ୍ମାନ ଜଣାଇ ଗତ ଶତାବ୍ଦୀର ଶ୍ରେଷ୍ଠ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ କହିଥିଲେ, "We owe a lot to the Indians, who taught us how to count, without which no worthwhile Scientific discovery could have been made." ବର୍ତମାନ ସ୍କୁଲରେ ପିଲାମାନେ "ପିଥାଗୋରସ୍ ଉପପାଦ୍ୟ" ପଢୁଛନ୍ତି । ଏହି ସୂତ୍ରଟି ତ୍ରିଭୁଜର ବାହୁଗୁଡ଼ିକର ସମ୍ପର୍କକୁ ନେଇ ରଚିତ । ମାତ୍ର ଏହାର ଦୁଇଶହ ବର୍ଷ ପୂର୍ବରୁ ଭାରତରେ ଗାଣିତିକ ବୌଧାୟନ ଏହାକୁ ଶୁଲ୍ବ ସୂତ୍ର ଗ୍ରନ୍ଥରେ ଲେଖିଯାଇଛନ୍ତି । ଭାସ୍କରାଚାର୍ଯ୍ୟ ପ୍ରଥମରେ କାଲ୍‌କୁଲସ୍ ବ୍ୟବହାର କରିଥିଲେ । ମାତ୍ର ଆଜି କାଲ୍‌କୁଲସ୍ ଉଦ୍ଭାବକ ଭାବେ ନିଉଟନ୍ ଓ ଲିବନିଜ୍‌ଙ୍କୁ ଗଣିତ, ଇତିହାସ ସମ୍ମାନ ଦେଉଛି । ସେହିପରି ପ୍ରାଚୀନ ଭାରତରେ ଚିକିତ୍ସା ବିଜ୍ଞାନର ପ୍ରଭୂତ ଉନ୍ନତି ହୋଇଥିଲା । ମହର୍ଷି ଆତ୍ରେୟ, ଜୀବକ, ଧନ୍ୱନ୍ତରୀ, ଚରକ-ସୁଶ୍ରୁତ ଓ ବାଗ୍‌ଭଟ୍ଟ ଆଦି ଚିକିତ୍ସକମାନେ ଅଶେଷ ଖ୍ୟାତି ଅର୍ଜନ କରିଥିଲେ । ଚରକ-ସୁଶ୍ରୁତ ଓ ବାଗ୍‌ଭଟ୍ଟ ଭାରତୀୟ ପ୍ରାଚୀନ ଆୟୁର୍ବେଦ ଜଗତର ତ୍ରିବେଣୀ ତୀର୍ଥ ଥିଲେ । ଏହି ତିନିଜଣ ଆୟୁର୍ବେଦ ଆଚାର୍ଯ୍ୟଙ୍କ ଯୋଗୁ ଆଜି ସମଗ୍ର ଭାରତ ବିଶ୍ୱବନ୍ଦ୍ୟ ।

ଆୟୁର୍ବେଦ ବିଜ୍ଞାନର ପ୍ରଥମ ପ୍ରବକ୍ତା ହେଲେ ଧନ୍ୱନ୍ତରୀ । ଭାଗବତ ପୁରାଣରେ ଧନ୍ୱନ୍ତରୀଙ୍କ ଆବିର୍ଭାବ କଥା ସମୁଦ୍ର ମନ୍ଥନରୁ ଅମୃତ କଳସ ଧରି ପ୍ରତ୍ୟେକ୍ଷ ହେବା ଜଣାପଡେ । ଧନ୍ୱନ୍ତରୀଙ୍କ ଦ୍ୱିତୀୟ ଆୟୁର୍ବେଦ ଆଚାର୍ଯ୍ୟ ହେଲେ ମହର୍ଷି ଚରକ । ସମଗ୍ର ଭାରତରେ ତଥା ବିଶ୍ୱର ସର୍ବପ୍ରାଚୀନ ବୈଦ୍ୟ ଶାସ୍ତ୍ର ହେଲା ତାଙ୍କ ରଚିତ "ଚରକ ସଂହିତା" । ବ୍ୟାଧିର ଉଦ୍‌ଭବ ଏବଂ ଆରୋଗ୍ୟ ବିଷୟରେ ଏଥିରେ ଯାହା ବର୍ଣ୍ଣନା କରାଯାଇଛି ତା'ର ଆଧାରରେ ଆଜି ହଜାର ହଜାର ଚିକିତ୍ସାଶାସ୍ତ୍ର ରଚିତ । ଚରକ କହନ୍ତି, ମନୁଷ୍ୟ ମନରେ ପ୍ରତିକ୍ଷଣରେ ସୃଷ୍ଟି ହେଉଥିବା ତୃଷ୍ଣା ହିଁ ରୋଗ ଉତ୍ପତିର ମୁଖ୍ୟ କାରଣ । ସେ ତାଙ୍କ ସଂହିତାରେ ରୋଗ ବିଷୟରେ ଦଶବିଧ ପରୀକ୍ଷା ଯାହା ହେଲା ପ୍ରକୃତି, ବିକୃତି, ସାର ସଂହନନ, ପ୍ରମାଣ, ସାତ୍ମ୍ୟ, ସତ୍ତ୍ୱ, ଆହାର-ଶକ୍ତି, ବ୍ୟାୟାମ ଏବଂ ବୟସ ଯାହା କରି ରୋଗ ନିର୍ଣ୍ଣୟ କରି ଔଷଧ ଦେବା ଉଚିତ । ସେ ପଦଚାରଣ କରି ବା ବିଚରଣ କରି ରୋଗୀମାନଙ୍କୁ ଆରୋଗ୍ୟ କରୁଥିବା କାରଣରୁ ତାଙ୍କୁ ଚରକ କୁହାଯାଏ । ଏହାଙ୍କ ପରେ ବିଶ୍ୱାମିତ୍ରଙ୍କ ପୁତ୍ର ସୁଶ୍ରୁତ ସଂହିତାରେ ଶଲ୍ୟଚିକିତ୍ସା ବିଷୟରେ ଯାହା ଲେଖିଛନ୍ତି ତା'ର ଅର୍ଦ୍ଧାଧିକ କୌଶଳ ଓ ଯନ୍ତ୍ର ଆଜିର ଆଧୁନିକ ଅପରେସନ୍‌ରେ ବ୍ୟବହାର ହେଉଛି । ବାଗ୍‌ଭଟ୍ଟ ମଧ୍ୟ ଜଣେ ମହାନ ବୈଦ୍ୟ ଥିଲେ । ତାଙ୍କ ପ୍ରସିଦ୍ଧ ବୈଦ୍ୟଶାସ୍ତ୍ର 'ଅଷ୍ଟାଙ୍ଗ ହୃଦୟ" ଏକ ମହନୀୟ ଗ୍ରନ୍ଥ । ଏସବୁ ତଥ୍ୟରୁ ଜଣାପଡେ ପ୍ରାଚୀନ ଭାରତ ଅନ୍ୟ ସଭ୍ୟତାଗୁଡିକଠାରୁ ଜ୍ଞାନ, ବିଜ୍ଞାନ କ୍ଷେତ୍ରରେ ଯଥେଷ୍ଟ ଆଗୁଆ ଥିଲା । ସେ କାଳର ପୁଷ୍ପକ ବିମାନ, ଭୀଷ୍ମ, ଦ୍ରୋଣ, ଅର୍ଜୁନ ଓ କର୍ଣ୍ଣଙ୍କ ଦିବ୍ୟାସ୍ତ୍ର ଆଜିର ତଥାକଥିତ ବୁଦ୍ଧିଜୀବୀ ତଥା ବୈଜ୍ଞାନିକମାନେ କାଳ୍ପନିକର ଆଖ୍ୟା ଦେଇଛନ୍ତି । ଆଜକୁ ୬/୭ବର୍ଷ ତଳେ ଅନେକ ବୈଜ୍ଞାନିକ ପ୍ରାଚୀନ ଭାରତର ବୈମାନିକ ଶାସ୍ତ୍ର ସମ୍ବନ୍ଧରେ ବାହାସ୍ଫୋଟ ମାରିବା ପରେ ବିଜ୍ଞାନ କଂଗ୍ରେସର ବାର୍ଷିକ ଅଧିବେଶନରେ ସମାଲୋଚନାର ଶିକାର ହୋଇଥିଲେ । ଶେଷରେ ଏତିକି କହିବି "ଯାହା ନାହିଁ ଭାରତେ, ତାହା ନାହିଁ ମରତେ ।"

*–ସମ୍ପାଦକ, ମାର୍ଗଦର୍ଶୀ, ମୋବାଇଲ ଫୋନ୍ ନଂ–୬୩୭୦୬୭୫୫୬୨*

# ଆତ୍ମଚିନ୍ତନ

ଅନୀତା ପଟ୍ଟନାୟକ



ରାସ୍ତାରେ ଥକ୍କା ମାରି ଶରୀରଟି ବସି ପଡ଼ିଲା । ଶୂନରୁ ଆରମ୍ଭ ହୋଇଥିବା ଶରୀରକୁ ଆଜି ୮୦ ବର୍ଷ । କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଏହି ଷଡ଼ ରିପୁଙ୍କୁ ପଚାରିଲା ଭାଇମାନେ ତୁମକୁ କିପରି ଲାଗୁଛି ? ସେମାନେ ଏକସ୍ୱରରେ କହି ଉଠିଲେ ଆମେ ତୁମ ଭିତରେ ଅଛୁ ସତ ହେଲେ ଆମ ମନର ଆଲୋକରେ ଆଲୋକିତ । ମନ ନଥିଲେ ଆମର ତୁମ ଶରୀର ଭିତରେ ଅସ୍ତିତ୍ୱ ନାହିଁ ।

ଶରୀର ମନକୁ ପଚାରିଲା ଆଜି କିପରି ଲାଗୁଛି ? ମନ କହି ଉଠିଲା ଭାଇ ଶରୀର ମୁଁ ତ କେତେକ ଚିନ୍ତାର ସମଷ୍ଟି ମାତ୍ର । ମୋର କାମ ଷଡ଼ରିପୁଙ୍କୁ ଆଲୋକିତ କରିବା ଓ କାମନାଗୁଡ଼ିକୁ ସୃଷ୍ଟି କରିବା ଓ ତାର ପୂରଣ ନିମନ୍ତେ ତୁମକୁ ଖଟାଇବା । ପ୍ରକୃତ ପକ୍ଷେ କହିବାକୁ ଗଲେ ତୁମର ଶରୀରରେ ଥାଇ ମଧ୍ୟ ମୋର ଅସ୍ତିତ୍ୱ ନାହିଁ । ମତେ କେହି ଦେଖିପାରନ୍ତି ନାହିଁ କାରଣ ମୁଁ ବୁଦ୍ଧିର ଆଲୋକରେ ଆଲୋକିତ ମୋର ନିଜର ଆଲୋକ ନାହିଁ ।

ଶରୀର ବୁଦ୍ଧିକୁ ପଚାରିଲା ଭାଇ କିପରି ଅଛ ? ବୁଦ୍ଧି କହିଲା କ'ଣ କହିବି ? ମନକୁ ଆଲୋକିତ କରିବାକୁ ଚେଷ୍ଟା କରି ଅନେକ ସମୟରେ ମୁଁ ବିଫଳ ହେଉଛି । କାରଣ ମନ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ପରିଚାଳିତ ହୋଇ ବେଳେ ବେଳେ ମତେ ଉପେକ୍ଷା କରୁଛି । ମୁଁ ତୁମ ଭିତରେ ଅଛି ସତ କିନ୍ତୁ ମତେ ପଚାରେ କିଏ ? ମତେ କେହି ଦେଖି ପାରନ୍ତି ନାହିଁ କାରଣ ମୋର ଅସ୍ତିତ୍ୱ କହିଲେ ବିବେକକୁ ବୁଝାଏ । ବିବେକର ଆଲୋକରେ ମୁଁ ଆଲୋକିତ । ଦେଖୁନ ବୁଦ୍ଧି ଥାଇ ମଧ୍ୟ ଏ ମନ ଶରୀର ଭିତରେ ଇନ୍ଦ୍ରିୟମାନଙ୍କ ଦ୍ୱାରା କବଳିତ ହୋଇ କ'ଣ କରୁଛି ? ଛି ମୋ ବୁଦ୍ଧିକୁ । ମୋର ଆଲୋକରେ ମନ ଆଲୋକିତ, କିନ୍ତୁ ମୋ' ଦ୍ୱାରା ସେ ପରିଚାଳିତ ହେବାକୁ ଚାହୁଁନାହିଁ । ଶରୀର ଏଥର ବୁଦ୍ଧି ପାଖରୁ ମୁହଁ ଫେରାଇ ବିବେକକୁ ପଚାରିଲା । ଭାଇ କିପରି ଅଛ ? ଏବେ କେମିତି ଲାଗୁଛି ? ବିବେକ କହି ଉଠିଲା ଭୁଲ ଠିକର ବିବେଚନା କରୁ କରୁ ତୁମ ଶରୀର ଭିତରେ କେବେ ମୁଁ କ୍ଲାନ୍ତି ଅନୁଭବ କରିନାହିଁ । ହଂସ ପାଣିରୁ କ୍ଷୀରକୁ ଅଲଗା କରି ପିଇବା ପରି ମୁଁ ବୁଦ୍ଧିକୁ ସଦାସର୍ବଦା ଭଲ ରାସ୍ତାରେ ଯିବା ପାଇଁ ପରିଚାଳିତ କରୁଛି । ହେଲେ ବୁଦ୍ଧି ତା'ର ଦୁଇ ପ୍ରକାର ଆଚରଣ ଯଥା: ନଷ୍ଟ ବୁଦ୍ଧି ଓ ଭଲ ବୁଦ୍ଧି ମନ ପାଖକୁ ପ୍ରେରିତ କରୁଛି । ମନ ଇନ୍ଦ୍ରିୟ ଲାଳସାରେ ପଡ଼ି ଦୁଷ୍ଟବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ଆଜି ତୁମକୁ ଜୀବନର ଅପରାହ୍ନରେ ହାଲିଆ କରି ପକେଇଛି । ତୁମେ ଯେଉଁ ଭାଗବତ ପ୍ରାପ୍ତିର ଉଦ୍ଦେଶ୍ୟ ନେଇ ଏ ଧରାପୃଷ୍ଠରେ ଅବତରଣ କରିଥିଲ ମନ ତୁମକୁ ପଥଭ୍ରଷ୍ଟ କରିଛି । ତୁମକୁ ଉଦ୍‌ଭ୍ରାନ୍ତ କରିଛି । ତୁମକୁ ସ୍ରଷ୍ଟାଙ୍କ ଆଡ଼କୁ ନମୁହାଁଇ ସୃଷ୍ଟି ଆଡ଼କୁ ମୁହାଁଇ ଦେଇଛି । ଇନ୍ଦ୍ରିୟ ଲାଳସାର ଉପଭୋଗରେ ତୁମେ ଆଜି କ୍ଳାନ୍ତଶ୍ରାନ୍ତ ଏକ ପଥିକ ହେଲେ ମୋର ଏଥିରେ କିଛି ଦୋଷ ନାହିଁ । ମୁଁ ଶରୀର ଭିତରେ ଥାଏ ମତେ କେହି ଦେଖିପାରନ୍ତି ନାହିଁ କି ପଚାରନ୍ତି ନାହିଁ । ମୋର ନିଜର ଅସ୍ତିତ୍ୱ ବୋଲି କିଛି ନାହିଁ । ମତେ କେବଳ ଅନୁଭବ କରିହୁଏ । କାରଣ ମୁଁ ଆତ୍ମାର ଆଲୋକରେ ଆଲୋକିତ । ମୋର ନିଜର ଆଲୋକ ନାହିଁ ।

ଭାଇ ! ଆତ୍ମା ଯଦି ନାହିଁ ତେବେ ବିବେକ ନାହିଁ, ଯଦି ବିବେକ ନାହିଁ ତେବେ ବୁଦ୍ଧି ନାହିଁ, ଯଦି ବୁଦ୍ଧି ନାହିଁ ତେବେ ମନ ନାହିଁ, ଯଦି ମନ ନାହିଁ ତେବେ ଇନ୍ଦ୍ରିୟ ଲାଳସା ନାହିଁ । ଯଦି ସବୁ କିଛି ନାହିଁ ତେବେ ପୃଥିବୀରେ ତୁମର ମଧ୍ୟ କିଛି ପ୍ରୟୋଜନ ନାହିଁ । ଶରୀର ଏଥର ଆତ୍ମା ସହିତ କଥାବାର୍ତ୍ତା କରିବା ପାଇଁ ଚେଷ୍ଟା କଲା । ଆତ୍ମା କହିଉଠିଲା ଭାଇ ଶରୀର ! ମୁଁ ସଦା ଆଲୋକିତ ସଦା ଆନନ୍ଦରେ ପୂର୍ଣ୍ଣ । ମୁଁ ଚିଦାନନ୍ଦ, ହେଲେ ଏ ଶରୀରର ବନ୍ଧନରୁ ମୁକ୍ତ ହୋଇ ପରମାନନ୍ଦରେ ମିଶିବା ପାଇଁ ମୁଁ ସର୍ବଦା ବ୍ୟାକୁଳ । ମୋର ଅନୁରୋଧକୁ ତୁମେ କେବେ ବି କର୍ଣ୍ଣପାତ କରନାହିଁ । ଜୀବନରେ କାଁ ଭାଁ କେତେବେଳେ କେମିତି କୌଣସି ମନ୍ଦିର, ମସଜିଦ, ଗୀର୍ଜାକୁ ମତେ ନେଇଯାଇଥାଅ । ତୁମେ ମୁଁ ଓ ମୁଁ ତୁମେ ଏପରି ଚରମ ଉପଲବ୍ଧିରେ ମତେ ଜୀବନରେ କେବେ ଭସାଇ ଦେଇନାହଁ । ସବୁବେଳେ ଦ୍ୱୈତ ମନୋଭାବ ରଖି ମୋର ତୋର କରି ଜୀବନସାରା ଆଡ଼େଇ ଆସିଛ । କିନ୍ତୁ କ'ଣ କରିବି ଭାଇ ମୁଁ ଅବିନଶ୍ୱର ମୁଁ ଖଡ଼ଗଦ୍ୱାରା କଟାଯାଇପାରେ ନାହିଁ, ଅଗ୍ନି ଦ୍ୱାରା ଦହନ ହୁଏନାହିଁ, ପବନ ଦ୍ୱାରା ମୁଁ ଶୁଷ୍କ ହୋଇପାରେ ନାହିଁ । ତୁମକୁ ଆଜି ମୁଁ ଛାଡ଼ି ଯାଉଛି କ୍ଷମା କରିଦେବ ବନ୍ଧୁ । ପରମାତ୍ମାଙ୍କ ସହ ମୋର ମିଳନ ପାଇଁ ମୁଁ ଯେଉଁ ବ୍ୟାକୁଳିତ ଥିଲି, ସେ ସମୟ ଉପନୀତ ।

*–ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩*

# ମୁଁ ଓଡ଼ିଆ–ମୋ ଭାଷା ବଢ଼ିଆ

••••••ଡକ୍ଟର ମନୋରଞ୍ଜନ ବିଷୋୟୀ••••••



ପ୍ରତ୍ୟେକ ଜାତିର ଭାଷା ହେଉଛି, ସେହି ଜାତିର ଅମୂଲ୍ୟ ସଂପଦ । ଏହାକୁ ନେଇ ଜାତି ଗର୍ବ କରେ, ତା'ର ଅନ୍ତରାତ୍ମାରେ ଭରିଯାଏ ସ୍ୱାଭିମାନ । ଓଡ଼ିଶା ଆମର ରାଜ୍ୟ । ଓଡ଼ିଆ ଏଇ ଜାତିର ହାର୍ଦ୍ଦିକ ଭାବସ୍ପନ୍ଦନକୁ ବହନ କରେ । ଓଡ଼ିଆ ହୃଦୟବୀଣାର ଏହା ମଧୁଝଙ୍କାର । ଓଡ଼ିଶାର ସ୍ୱାଭିମାନର ଅସ୍ତ୍ର- ଓଡ଼ିଆ ଭାଷା । ତେଣୁ ମାତୃଭୂମି ପରି ଓଡ଼ିଆ ଭାଷା ମଧ୍ୟ ବନ୍ଦନୀୟ ।

*"ଉଚ୍ଚ ହେବା ପାଇଁ କର ଯେବେ ଆଶା,*
*ଉଚ୍ଚ କର ଆଗେ ନିଜ ମାତୃଭାଷା ।"*

ବାସ୍ତବିକ ସ୍ୱଭାବକବି ଗଙ୍ଗାଧରଙ୍କର ଏହି ଉକ୍ତିଟି ଉତ୍କଳର ପ୍ରତ୍ୟେକ ପାଠକ ପାଠିକାଙ୍କର ସ୍ମରଣୀୟ ହେବା ଉଚିତ । ଭାଷା ମଣିଷ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆଜି ସମସ୍ତଙ୍କ ଅନୁଭବର ବିଷୟ । ହେଲେ ଉତ୍କଳବାସୀ ଆଜି ନିଜେ ନିଜର ମାତୃଭାଷା ପ୍ରତି ଘୃଣାଭାବ ପୋଷଣ କରି ଚାଲିଛନ୍ତି । ଯେଉଁ ମାଟିରେ ତାର ଜନ୍ମ, ଯେଉଁଠି ସେ ଖେଳି କୁଦି ମଣିଷ ହୋଇଛି, ତାରି ପାଣି ପବନରେ ସେ ବଢ଼ିଛି, ତାର ଅବଦାନକୁ ଭୁଲି ସେହି ମାଟି ମାଆର ଭାଷାକୁ ତୁଣ୍ଡରେ ଧରିବାକୁ କୁଣ୍ଠାବୋଧ କରୁଛି । ଓଡ଼ିଆ ବୋଲି ନିଜର ପରିଚୟକୁ ଲୁଚାଇ ରଖୁଛି । ସେ ବୁଝିପାରୁନାହିଁ ଯେ ଏକ ଜାତିର ପ୍ରଗତି ମୂଳରେ ଭାଷାହିଁ ବିଦ୍ୟମାନ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ବିଭବଶାଳୀ । ବ୍ୟାସକବି ଫକୀରମୋହନଙ୍କ ଭାଷାରେ–

*"ପୁରୁଷ ଶ୍ରୀ ଅଟେ ବୀର୍ଯ୍ୟଜାତି ଶିରୀ ଭାଷା*
*ଯାହା ଘେନି-ଜାତି କରେ ଉନ୍ନତି ପ୍ରତ୍ୟାଶା*
*ଭାଷା ହିଁ ଜୀବନ ଶକ୍ତି ଜାତିମାନଙ୍କର*
*ଯେଉଁ ଜାତି ଭାଷା ହୀନ ସେ ଜାତି ବର୍ବର ।"*

ପ୍ରତ୍ୟେକ ଜାତି ନିଜ ନିଜର ମାତୃଭାଷାକୁ ଉଚ୍ଚାସନ ଦେବାରେ ବ୍ୟାକୁଳ ଥିଲାବେଳେ, ଓଡ଼ିଆ ଜାତି ନିଜର ମାତୃଭାଷା ପ୍ରତି ଏପରି ବୈମାତୃକ ମନୋଭାବ ପୋଷଣ କରେ କାହିଁକି ? ସେ ତା'ର ଭାଷାକୁ ସମ୍ମାନ ଦେଇ ନିଜକୁ ଗୌରବାନ୍ୱିତ କରିବାକୁ କୁଣ୍ଠାବୋଧ କରେ କାହିଁକି ? ଅତୀତରେ ମାତୃଭାଷା ପ୍ରତି ଓଡ଼ିଆମାନଙ୍କର ମନୋଭାବ ହିଁ ଉତ୍କଳର ଯୋଗ୍ୟତମ ସୁତଗଣଙ୍କୁ ଘୋର ଅପମାନ ଦେଇଥିଲେ । ତେଣୁ ଗଙ୍ଗାଧର ଲେଖିଥିଲେ–

*"ମାତୃଭାଷା ପୋଥି ଛୁଇଁବାକୁ କରେ*
*ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ।"*

ମାତୃଭାଷା ପ୍ରୀତିର ଜ୍ୱଳନ୍ତ ଉଦାହରଣ ଇତିହାସ ପୃଷ୍ଠାରେ ବିରଳ ନୁହେଁ । ସଂସ୍କୃତ ପରି ସମୃଦ୍ଧ ଭାଷା ଥାଇ ମଧ୍ୟ ବୁଦ୍ଧ, ମହାବୀର, ଅଶୋକ ପ୍ରଭୃତି ମହାପୁରୁଷମାନେ ଲୋକଭାଷାରେ ଧର୍ମ ପ୍ରଚାର କରିଥିଲେ । ସେମାନେ ଜାଣିଥିଲେ ଲୋକଙ୍କ ମନକୁ ଛୁଇଁବା ପାଇଁ ମାତୃଭାଷା ହିଁ ପ୍ରକୃଷ୍ଟ ମାଧ୍ୟମ । ଅନ୍ୟ ଭାଷା ହେଉଛି ବାହାରେ ବୋଳା ଯାଉଥିବା ଔଷଧ, ମାତ୍ର ମାତୃଭାଷା ହେଉଛି ଇଞ୍ଜେକ୍‌ସନ୍ । ସଙ୍ଗେ ସଙ୍ଗେ ରକ୍ତରେ ମିଶିଯିବ ।

ଯଦିଓ ମାତୃଭାଷା ଏପରି ମହନୀୟ, ସହଜ, ସୁମଧୁର ଓ ଶକ୍ତିଶାଳୀ ଅଟେ ତେବେ କାହିଁକି ଓଡ଼ିଶାବାସୀ ନିଜ ଭାଷାକୁ ମୁଖରେ ପ୍ରକାଶ କରିବାକୁ କୁଣ୍ଠାବୋଧ କରୁଛନ୍ତି । ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ନର, ନାରୀଗଣ ପଦେ ପଦେ ଇଂରାଜୀ ଏବଂ ହିନ୍ଦୀ ଭାଷା ଶିକ୍ଷାକରି, ଶିକ୍ଷାର ସର୍ବୋଚ୍ଚ ସୋପାନ ଅତିକ୍ରମ କଲାପରି ଅନୁଭବ କରୁଛନ୍ତି । ଏପରିକି ଓଡ଼ିଶାବାସୀ ଇଂରାଜୀ କିମ୍ବା ହିନ୍ଦୀ ଭାଷା କହି ନିଜକୁ ଓଡ଼ିଆ ବୋଲି ଗୋପନ ରଖନ୍ତି । ଏହାଠାରୁ ବଳି ଲଜ୍ଜାର ବିଷୟ ଆଉ କ'ଣ ଥାଇପାରେ ? ମାତୃଭାଷା ପ୍ରତି ଆମ୍ଭମାନଙ୍କର ଏପରି ଘୃଣ୍ୟ ଭାବ କାହିଁକି ?

ଗଙ୍ଗାଧର କହନ୍ତି– *"ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ/ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ ।"*

କେତେ ଯେ ବାଧା ବିପତ୍ତି ମଧ୍ୟ ଦେଇ ଓଡ଼ିଆ ଭାଷା ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିପାରିଛି ତାହା ହୁଏତ ଆପଣମାନଙ୍କୁ ଜଣାଥିବ । ଏହି ଓଡ଼ିଶାରେ ରାଜା ମହାରାଜାମାନେ ଶାସନ କରି ନିଜ ନିଜର ପ୍ରଭୁତ୍ୱ ବିସ୍ତାର କରି ଓଡ଼ିଆ ଭାଷାକୁ ଦୂରେଇ ଦେବାକୁ ଚେଷ୍ଟା କରିଥିଲେ । ବଙ୍ଗାଳୀମାନେ ମଧ୍ୟ ନିଜର ଭାଷାର ସ୍ୱାତନ୍ତ୍ର୍ୟ ଆରୋପ କରି 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନୟ' ବୋଲି ଆନ୍ଦୋଳନ କରିଥିଲେ । କିନ୍ତୁ କେହି ହେଲେ ସଫଳତା ଲାଭ କରିପାରି ନଥିଲେ । ଓଡ଼ିଶାର ସାହିତ୍ୟ ଓ ଭାଷାପ୍ରେମୀ ସୁଯୋଗ୍ୟ ସନ୍ତାନଙ୍କ ଅକ୍ଳାନ୍ତ ଉଦ୍ୟମ ଓ ଅପ୍ରତିହତ ସଂଗ୍ରାମରୁ ସୃଷ୍ଟିଲାଭ କରିଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ।

ଫକୀରମୋହନ, ଗୋପବନ୍ଧୁ, ଗଙ୍ଗାଧର, ରାଧାନାଥ ଓ ମଧୁସୂଦନଙ୍କ ଅବଦାନ ଏଥିପାଇଁ ଅବଶ୍ୟ ସ୍ମରଣଯୋଗ୍ୟ । ଆଜି ମାକ୍‌ଲେଙ୍କ ଭୂତ ସମସ୍ତଙ୍କୁ ଗ୍ରାସ କରିଛି । ଇଂରାଜୀ ଭାଷା ପ୍ରତି ଅହେତୁକ ଦୁର୍ବଳତା ସମସ୍ତଙ୍କୁ ପ୍ରଭାବିତ କରିଛି । ଉଚ୍ଚଶିକ୍ଷିତ ବ୍ୟକ୍ତିଗଣ ପ୍ରଥମେ ତାଙ୍କର ସନ୍ତାନ ସନ୍ତତିକୁ ଓଡ଼ିଆ ଶିକ୍ଷା ନ ଦେଇ ଇଂରାଜୀ ଶିକ୍ଷା ଦେଇଥାନ୍ତି । ସେମାନଙ୍କର ଧାରଣା ଯେ ଇଂରାଜୀ ଶିକ୍ଷା ମାଧ୍ୟମରେ ହିଁ ତାଙ୍କର ସନ୍ତାନଗଣ ଭବିଷ୍ୟତରେ ନିଜକୁ ବେଶ୍ ଉଚ୍ଚ ପଦବୀରେ ପ୍ରତିଷ୍ଠିତ କରିପାରିବେ । କିନ୍ତୁ ସେମାନେ ଜାଣିପାରନ୍ତି ନାହିଁ ଯେ, ଯେତେ ଇଂରାଜୀ କହିଲେ ବା କୋଟ୍, ପ୍ୟାଣ୍ଟ୍ ପିନ୍ଧି ଉଚ୍ଚ ପଦବୀ ଲାଭ କଲେ ମଧ୍ୟ ସେ ଇଂରେଜୀ ହୋଇ ପାରିବେ ନାହିଁ । ସେ ଓଡ଼ିଆ ବୋଲି ପରିଚୟ ଦେବ, କିମ୍ବା ତାର କଳା କେଶ କେବେ ସାହେବ ପରି ଧଳା ହୋଇଯିବନି ।

"ପିନ୍ଧି Waist Coat କଥା କୁହ ଇଂରାଜୀରେ
ଖାଅ ଦରସିଝା ମାଂସ ଦୁର୍ଗନ୍ଧ ପନିର
ଠିଆ ହୋଇ ମୁତ ଅବା ଘସ ନାହିଁ ଦାନ୍ତ
ଇଂରେଜୀ ନ ହେବ, ଥିବ ଓଡ଼ିଆ ନିତାନ୍ତ
ମୟୂର ଲାଞ୍ଜକୁ ଗୁଞ୍ଜି ବୁଲ ନାହିଁ ଆଉ
ନ ହେବ ମୟୂର, ଥିବ ଯେ କାଉ ସେ କାଉ ।"

ଏପରିକି ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ଶିକ୍ଷା ଦିଆଯିବ, ଏ କଥାକୁ ଓ ସେମାନେ ଆଦୌ ପସନ୍ଦ କରୁନାହାନ୍ତି । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବିଷୟ ନେଇ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନେ ଅନ୍ୟମାନଙ୍କ ଦ୍ୱାରା ବହୁବାର ସମାଲୋଚନା ହୋଇଥାନ୍ତି । ମୁଁ ମଧ୍ୟ ଜଣେ ଓଡ଼ିଆ ଛାତ୍ର ହିସାବରେ ଅନେକଙ୍କ ଦ୍ୱାରା ବହୁବାର ସମାଲୋଚିତ ହୋଇଅଛି । ଏଣୁ ମୁଁ ସମୀକ୍ଷା କରି ଦେଖିଲି ମାତୃଭାଷା ପ୍ରତି ଆମ ଓଡ଼ିଆଙ୍କ ଜନ୍ମିଥିବା ଏହି ମନୋଭାବର କାରଣ ହେଲା– ଯେଉଁ ଛାତ୍ରଛାତ୍ରୀମାନେ ପ୍ରବଳ ଆଗ୍ରହର ସହ ଏହାକୁ ପାଠ୍ୟକ୍ରମ ଭାବେ ଅଧ୍ୟବସାୟ କରିଥାନ୍ତି ସେମାନେ ଅନ୍ୟ ବିଷୟ ତୁଳନାରେ ଅଧିକ ନମ୍ବର ପରୀକ୍ଷାରେ ରଖିପାରୁ ନାହାନ୍ତି । ଏହାର ଆଉ ଗୋଟିଏ ଦିଗ ହେଲା ଏହି ପାଠ୍ୟକ୍ରମ ଦ୍ୱାରା ବିଶେଷ କର୍ମନିଯୁକ୍ତିର ସୁଯୋଗ ନାହିଁ । ଏହି କାରଣ ହେତୁ କଲେଜ ସ୍ତରରେ ୭୫ ପ୍ରତିଶତ ସ୍ଥାନ ଖାଲି ରହୁଛି । ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ସରକାର କେତେକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

ଓଡ଼ିଆ ମାଧ୍ୟମ ସ୍କୁଲମାନଙ୍କରେ ଓଡ଼ିଆ ପ୍ରଥମ ଭାଷା ହୋଇଥିବା ବେଳେ ଇଂରାଜୀ ମାଧ୍ୟମ ସ୍କୁଲରେ ଏହାକୁ ତୃତୀୟ ଭାଷା ଭାବେ ଗ୍ରହଣ କରାଯାଇଛି । ଏହିସବୁ ବିଦ୍ୟାଳୟରେ ଓଡ଼ିଆ ଭାଷାକୁ ପ୍ରଥମ ବା ଦ୍ୱିତୀୟ ବିଷୟ ରୂପେ ରଖାଗଲେ ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି ହୋଇପାରିବ । ସେହିଭଳି ବୈଷୟିକ, ମେଡ଼ିକାଲ ଓ ଜେଇଇ ଭଳି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଓଡ଼ିଆ ବିଷୟ ରଖାଗଲେ ଏହାର ଗୁରୁତ୍ୱ ବଢ଼ିବ । ଏତଦ୍‌ବ୍ୟତୀତ ଅର୍ଥନୀତି, ରାଜନୀତି ବିଜ୍ଞାନ, ଦର୍ଶନଶାସ୍ତ୍ର, ଇତିହାସ ଇତ୍ୟାଦି ବିଷୟ ମାତୃଭାଷା ମାଧ୍ୟମରେ ଶିକ୍ଷା ଦେଲେ ସାଧାରଣ ବ୍ୟକ୍ତି ମଧ୍ୟ ଏଥିରୁ ଜ୍ଞାନଲାଭ କରିପାରିବ ଏବଂ ତା'ର ଏହି ବିଷୟ ପ୍ରତି ଆଗ୍ରହ ଜନ୍ମିବ । ବିଶେଷକରି ବିଶ୍ୱବିଦ୍ୟାଳୟ ସ୍ତରରେ ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ କରାଗଲେ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ । ଓଡ଼ିଆ ବିଷୟ ରଖି ପାଶ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଏହି ଭାଷାର ଗୁରୁତ୍ୱ ବୃଦ୍ଧି ପାଇବ । ବାସ୍ତବିକ ଭାଷାର ବନ୍ଧନ ସବୁଠାରୁ ବଡ଼ ବନ୍ଧନ । ପରକୁ ଆପଣାର କରିବା ପାଇଁ ଏହା ଏକ ଅମୋଘ ଅସ୍ତ୍ର । ତେଣୁ ପ୍ରତ୍ୟେକେ ନିଜ ନିଜର ଭାବଧାରାକୁ ମାତୃଭାଷା ମାଧ୍ୟମରେ ପ୍ରକାଶ କରିବା ସଂଗେ ସଂଗେ ଏହି ଭାଷାରେ ଶିକ୍ଷାଦାନ ଏକାନ୍ତ ଆବଶ୍ୟକ ।

*–ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର*




## ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାସ୍ତା ମରାମତି କାମ ଆରମ୍ଭ କଲା ପୂର୍ତ୍ତ ବିଭାଗ

କନ୍ଧମାଳ, :(ପି.ଏନ): ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଫୁଲବାଣୀ ସହରର ମୁଖ୍ୟ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଫୁଲବାଣୀ ପୂର୍ତ୍ତ ବିଭାଗ ପକ୍ଷରୁ ଆଜି ସକାଳୁ କାର୍ଯ୍ୟ ଆରମ୍ଭ କରିଛି ଠିକାଦାର। ଗତ କିଛିଦିନ ହେଲା ରାସ୍ତାରୁ ପିଚୁସହ ଗୋଡ଼ି ଉଠିଯିବା ଫଳରେ ଏହି ରାସ୍ତାରେ ଟାଉନ ଥାନା ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାୟୁ ପ୍ରଦୂଷଣ ବଢିଯିବା ସହ ରାସ୍ତାରେ ଯିବା ଆସିବା ବେଳେ ଦୁର୍ଘଟଣା ମଧ୍ୟ ହେଉଥିଲା। ପୋଲିସ କର୍ମଚାରୀ ମାନେ ଡିଉଟି କରିବା ବେଳେ ପ୍ରଦୂଷଣ ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ସହ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ପ୍ରିୟବ୍ରତ ସାମନ୍ତରାୟଙ୍କୁ ମଧ୍ୟ ରାସ୍ତା ମରାମତି ପାଇଁ ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ ଓ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ପୋଲିସ ଏସ.ଡ଼ି.ପି.ଓ. ମହେନ୍ଦ୍ର ନାଥ ମୁର୍ମୁ ମଧ୍ୟ ରାସ୍ତା ମରାମତି ନେଇ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଫଳରେ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଏହାକୁ ଗୁରୁତର ସହ ଗ୍ରହଣ କରି କୃଷି ବିଭାଗ ଠାରୁ ଜଗନ୍ନାଥ ମନ୍ଦିର ଯାଏ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିଥିବାରୁ ସହରବାସୀ ଖୁସି ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେହିପରି ପ୍ରେସ କ୍ଲବ ସଭାପତି ମଧ୍ୟ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ଶ୍ରୀ ସାମନ୍ତରାୟଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ସହଯୋଗ କାମନା କରିଛନ୍ତି। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ଶ୍ରୀ ସାମନ୍ତରାୟଙ୍କ କାର୍ଯ୍ୟଦକ୍ଷତା, ଆନ୍ତରିକତା, ଓ ଉଦ୍ୟମ ଯୋଗୁ ମାତ୍ର ୨ /୩ ଦିନ ମଧ୍ୟରେ ଏହା ସମ୍ଭବ ହୋଇପାରିଛି।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତ୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତ୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତ୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି। ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

## ଜଙ୍ଗଲରୁ ଜଣେ ଯୁବକ ଓ ଅନ୍ୟ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିପଦା, (ପି.ଏନ): ଜଙ୍ଗଲରୁ ଜଣେ ଯୁବକ ଓ ଅନ୍ୟ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅନ୍ତର୍ଗତ ବାଘମୁଣ୍ଡା ଜଙ୍ଗଲରୁ ଉଭୟଙ୍କ ମୃତଦେହ ଉଦ୍ଧାର ହୋଇଛି । ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିବା ବେଳେ ଆଜି ସକାଳେ ଦୁହିଁଙ୍କ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ସେମାନେ ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ । କପ୍ତିପଦା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

### କାଶିପୁର ବ୍ଲକରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା : ସ୍ଥିତିର ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ରାୟଗଡ଼ା,(ପି.ଏନ);ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକରେ ଝାଡ଼ାବାନ୍ତି ବ୍ୟାପିବା ଘଟଣାରେ ଆଜି ଟିକିରି ଅଂଚଳରେ ପହଂଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ।

## ଜାଲ୍ ଦସ୍ତାବିତ ପ୍ରସ୍ତୁତ ଅଭିଯୋଗରେ ଦୁଇ ଗିରଫ : କମ୍ପ୍ୟୁଟର ସମେତ ବହୁ ସାମଗ୍ରୀ ଜବତ



ପାରାଦୀପ,(ପି.ଏନ): ଅଭୟଚାନ୍ଦପୁର ଥାନା ଅଂଚଳରେ ନକଲି କୋଭିଡ୍ ସାର୍ଟିଫିକେଟ୍, ଜାଲ ପ୍ରମାଣପତ୍ର ପ୍ରସ୍ତୁତ କରିବା ଘଟଣା ଲୋକଲୋଚନକୁ ଆସିବା ପରେ ସେତେବେଳେ ସ୍ଥାନୀୟ ପୋଲିସ୍ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିଲା। ଏହି ଘଟଣାର କିଛି ଦିନ ପରେ ପାରାଦୀପ ଅଂଚଳରେ ଏହି କାରବାର ହେଉଥିବାର ସୂଚନା ପାଇ ପାରାଦୀପ ଆଦର୍ଶ ଥାନା ପୋଲିସ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି । ପୋଲିସ୍ ସୂତ୍ରରୁ ପ୍ରକାଶଯେ, ଅଭୟଚାନ୍ଦପୁର ଥାନା ଅଧିନସ୍ତ ବଗଦିଆ ନିକଟସ୍ଥ ଡାଳିମ୍ବପୁର ଗ୍ରାମର ଗୋପିନାଥ ତରାଇଙ୍କ ପୁଅ ଦିପକ କୁମାର ତରାଇ (୩୧) ଓ ସେହି ଗ୍ରାମର କେଶବ ତରାଇଙ୍କ ପୁଅ କାଳନ୍ଦି ତରାଇ(କାଳିଆ)(୨୭) ଦୁହେଁ ମିଶି ଅଠରବାଙ୍କୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡା.ବସ୍ତ ରାଉତ ଓ ପ୍ରସନ୍ନ କୁମାର ସାମଲଙ୍କ ସିଲ୍ ଓ ଷ୍ଟାମ୍ପ ତିଆରି କରି ପାରାଦୀପର ବିଭିନ୍ନ ଶିଳ୍ପ ସଂସ୍ଥାରେ କାମ କରୁଥିବା ଶ୍ରମିକମାନଙ୍କୁ ଦେଉଥିଲେ। ଏହାକୁ ସେମାନେ ନେଇ ବିଭିନ୍ନ ଶିଳ୍ପ ସଂସ୍ଥାରେ ଦେଇ କାମ କରୁଥିଲେ । ଏହା ବଦଳରେ ଗିରଫ ଦୁଇ ଅଭିଯୁକ୍ତ ବିପୁଳ ପରିମାଣର ଅର୍ଥ ଆଦାୟ କରୁଥିଲେ। ଏଥି ସହିତ ନକଲି ସାର୍ଟିଫିକେଟ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜ ଜାଲ କରି ଭଲ ଆୟ କରୁଥିଲେ।

## ଫୁଲବାଣୀରେ ଭାରତୀୟ ମଜଦୁର ସଂଘର ୬୮ ତମ ପ୍ରତିଷ୍ଠା ଦିବସ ପାଳନ

କନ୍ଧମାଳ,(ପି.ଏନ): ଫୁଲବାଣୀରେ ଭାରତୀୟ ମଜଦୁର ସଂଘର ୬୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ନାରାୟଣୀ ଯାତ୍ରା କମିଟିର ସଭା ଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ପୌରାଧ୍ୟକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମିକ ମାନେ ସେମାନଙ୍କ ନାର୍ଯ୍ୟ ଦାବୀ ହାସଲ ଦିଗରେ ସଂଘବଦ୍ଧ ଭାବରେ ଏକ ହୋଇ କାମ କଲେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ ଏହା ସହିତ ପୌରାଧ୍ୟକ୍ଷା ଭାବରେ ତାଙ୍କର ତରଫରୁ ଯାହା ସହାୟତା ଆବଶ୍ୟକ ହୁଏ ସେଥିପାଇଁ ସେ ପ୍ରସ୍ତୁତ ଅଛନ୍ତି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଶ୍ରମ ଅଧିକାରୀ ତେଜକୁମାର ବାଗେ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଶ୍ରମିକଙ୍କ ସଂଖ୍ୟା ଏକ ଲକ୍ଷ ଦଶ ହଜାର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ବାର୍ଷିକ ନବୀକରଣ କରାଉ ନ ଥିବାରୁ ସେମାନଙ୍କର ସମସ୍ତ ସୁବିଧା ସବୁ ଠିକ୍ ସମୟରେ ପାଇ ପାରୁନାହାନ୍ତି ବୋଲି କହିଥିଲେ। ଭାରତୀୟ ମଜଦୁର ସଂଘର ରାଜ୍ୟ ସଂଗଠନ ସମ୍ପାଦକ ଗିରିଶ ମହନ୍ତ ଦେଶରେ ଶ୍ରମିକ ମାନଙ୍କୁ ପ୍ରଥମେ ଦେଶର ହିତରେ ଏବଂ ପରେ ପରେ ଉଦ୍‌ଯୋଗର ଓ ଶ୍ରମିକର ହିତ ଦିଗରେ ଚିନ୍ତା କରିବା ନିତାନ୍ତ ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଦେଶକୁ ନିର୍ମାଣ କରିବାରେ ଶ୍ରମିକ ଓ କୃଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଭାରତୀୟ ମଜଦୁର ସଂଘ ସେମାନଙ୍କ ପାଇଁ ଅଧିକ ଗୁରୁତ୍ୱ ଦିଏ ବୋଲି କହିଥିଲେ। ଅବସରପ୍ରାପ୍ତ କର୍ମଚାରୀ ତଥା ନେତା ବ୍ରଜ ପଟ୍ଟନାୟକ ଶ୍ରମିକ ମାନେ ସେମାନଙ୍କୁ ମିଳୁଥିବା ସମସ୍ତ ସରକାରୀ ସୁବିଧା ବିଷୟରେ ଅବଗତ ହେଲେ ହିଁ ସେମାନଙ୍କୁ ଏହାର ଲାଭ ନେବା ସହଜ ହେବ ବୋଲି କହିଥିଲେ। ଭାରତୀୟ ମଜଦୁର ସଂଘର କନ୍ଧମାଳ ଜିଲ୍ଲା ସଭାପତି ଅଶୋକ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ପୁରୁଷ ଓ ମହିଳା ଶ୍ରମିକ ଯୋଗ ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମିକ ସମନ୍ୱୟ କମିଟିର ସଭାପତି ପ୍ରଫୁଲ୍ଲ କୁମାର ବେହେରା ଜିଲ୍ଲାରେ କିଛି ଦଲାଲ ଶ୍ରମିକ ମାନଙ୍କୁ ସେମାନଙ୍କ କାମ କରିଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କ ଠାରୁ ଟଙ୍କା ନେଇ ନିରିହ ଶ୍ରମିକ ମାନଙ୍କୁ ଲୁଟୁଛନ୍ତି। ସେମାନଙ୍କ ଚିହ୍ନଟ ହେବା ଆବଶ୍ୟକ ଏବଂ ଗ୍ରମାଚଂଳର ଲୋକେ ସେମାନଙ୍କୁ ପ୍ରଥମେ ଚିହ୍ନଟ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାର ଏଫସିଆଇରେ ଥିବା ଜିଲ୍ଲାର ଟିକାବାଲି ଓ ଘୁ.ଉଦୟଗିରି ବ୍ଲକର ଚାଉଳ ବିତରଣ ବ୍ୟବସ୍ଥାକୁ ଫୁଲବାଣୀ ପରିବର୍ତ୍ତେ ବାଲିଗୁଡ଼ାକୁ ନେଇ ଯାଇଥିବା ଫୁଲବାଣୀ ଏଫସିଆଇରେ ୧୦ ହଜାର ମେଟ୍ରିକ ଟନ୍ କ୍ଷମତା ଥିବାବେଳେ ବାଲିଗୁଡ଼ାର ୫ ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମକୁ ପ୍ରଦାନ କରାଯାଇଥିବା ବିରୋଧରେ କହିବା ସହିତ ଏହାଦ୍ୱାରା ଫୁଲବାଣୀ ଏଫସିଆଇର ଶ୍ରମିକ ମାନେ ସେମାନଙ୍କ ରୋଜଗାର ହରାଉଛନ୍ତି ବୋଲି ଦାବି ଉପସ୍ଥାପନ କରିଥିଲେ। ଶେଷରେ ଭାରତୀୟ ମଜଦୁର ସଂଘର ସଂଗଠନ ସମ୍ପାଦକ କାହ୍ନୁଚରଣ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆପାହାତୁ ରେଲ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଲ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବ୍ଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

## କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କନ୍ତିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମ୍ପୋରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ, ୧୨ନଂ ୱାର୍ଡରୁ ଜଣେ, ୧୩ନଂ ୱାର୍ଡରୁ ୨ଜଣ, ୧୭ନଂ ୱାର୍ଡରୁ ଜଣେ, ୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

## କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇନ୍ତରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

OFFICE OF THE NOTIFIED AREA COUNCIL, BINKA
Dist: Subarnapur (Pin-767019) Email id. nacbinka@gmail.com
Tender Call Notice no. 1964 / 25.07.2022

TENDER CALL NOTICE
***

The Executive Officer, NAC Binka, inviting sealed Tenders in conformity with detailed Tender Call Notice (DTCN) from the intending eligible Registered Contractors registered with Deptt. of Govt. of Odisha so as to be eventually drawn up in PWD P1 contract form, for executing following Development works under NAC Binka. A set of Tender Document can had from the Office of Executive Officer, NAC Binka on working days during office hours as mentioned below.

| | | |
|---|---|---|
| 1 | Type of the work :- | Civil work |
| 2 | No. of works:- | 21 nos. |
| 3 | Estimated Cost:- | Rs. 0.33 lakhs to 2.00 lakhs |
| 4 | Period of Completion:- | 30( Thirty) days |
| 5 | Last Date &Time of Sale of Tender Paper | Dtd.29.07.2022 upto 05.00 PM. |
| 6 | Last date & time for receipt of Bid | Dtd.30.07.2022 up to 05.00 PM. |
| 7 | Documents will be received in the Office of Executive Officer on or before:- | Dtd.30.07.2022 up to 05.00 PM |
| 8 | Bids received shall be opened on:- | Dtd.01.08.2022 at 11.00AM |

The Authority reserves the right to cancel any or all the bids without assigning any reason thereof.

Executive Officer
Notified Area Council, Binka

# ମୋ ଓଡ଼ିଶା

## ଜିଲ୍ଲାରେ ତୃତୀୟ ପର୍ଯ୍ୟାୟ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହେଲେ ୧୮୫ ଉଚ୍ଚ ବିଦ୍ୟାଳୟ



ବାଲେଶ୍ୱର (ପିଏନ୍)-ଗତକାଲି ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଜିଲ୍ଲାର ତୃତୀୟ ପର୍ଯ୍ୟାୟରେ ୫-ଟି ଅନ୍ତର୍ଭୁକ୍ତ ୧୮୫ଗୋଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ସରକାରଙ୍କ ବହୁ ଉପାଦେୟ ୫-ଟି ଯୋଜନାର ଆଭିମୁଖ୍ୟ ତଥା ଜିଲ୍ଲାରେ ଉଚ୍ଚ ବିଦ୍ୟାଳୟଗୁଡିକର ରୂପାନ୍ତରୀକରଣ ଉପରେ ଆଲୋକପାତ କରିଥିଲେ ।

ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ପରିବେଶ, ଇ-ପାଠାଗାର, ବିଜ୍ଞାନାଗାର, ସ୍ମାର୍ଟ ଶ୍ରେଣୀଗୃହ, ଖେଳପଡିଆ, ପାନୀୟ ଜଳର ବ୍ୟବସ୍ଥା ଏବଂ ଶୌଚାଳୟ ଇତ୍ୟାଦିକୁ ୫-ଟି ମାଧ୍ୟମରେ ଗୁରୁତ୍ୱ ଦେଇ ଶିକ୍ଷାଦାନର ମାନଦଣ୍ଡକୁ ଉନ୍ନତମାନର କରାଯାଇପାରିବ ବୋଲି ଶ୍ରୀ ଶିନ୍ଦେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପ୍ରତି ସମାଜର କର୍ତବ୍ୟ, ଦାୟିତ୍ୱ ଓ ଯୋଗଦାନ ପରସ୍ପରକୁ ନିକଟତର କରାଇବାର ପ୍ରୟାସ ୫-ଟି ଜରିଆରେ ହୋଇପାରିବ ଏବଂ ଆଗାମୀ ପିଢି ଶିକ୍ଷା କ୍ଷେତ୍ରରେ ନୂତନ ସୂର୍ଯ୍ୟୋଦୟ ଦେଖିବେ । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଶ୍ରୀ ଶିନ୍ଦେ ତାଙ୍କ ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ସାହୁ ଏହି ଅବସରରେ ୫-ଟି ଅନ୍ତର୍ଗତ ହାଇସ୍କୁଲ ରୂପାନ୍ତରଣରେ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ ।

ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଷ୍ଣୁଚରଣ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଫକୀରମୋହନ ମେଡିକାଲ କଲେଜ ପ୍ରବନ୍ଧକ ଶ୍ରୀମତୀ ମନୋରମା ଭୂୟାଁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀବୃନ୍ଦ, ଗୋଷ୍ଠୀ ଶିକ୍ଷାଧିକାରୀବୃନ୍ଦ ଏବଂ ବାଲେଶ୍ୱର ଜିଲ୍ଲା 'ମୋ ସ୍କୁଲ' ଟିମର ସଂଯୋଜକ ଶ୍ରୀ ସନ୍ଦୀପ କୁମାର ଖଟୁଆ ଏବଂ ସଦସ୍ୟ ଶ୍ରୀ ଶାଶ୍ୱତ ମହାପାତ୍ର, ଶ୍ରୀ ନରେନ୍ଦ୍ର ଅଗସ୍ତି, ଶ୍ରୀ ଶିବନାରାୟଣ ମିଶ୍ର, ଶ୍ରୀ କମଳ ବିଶ୍ୱାଳ, ଶ୍ରୀ ପ୍ରଭାତ ମଣ୍ଡଳ ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ । ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଧରଣୀଧର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯାଇଥିଲା ।


## ଓମ୍‌ଫେଡ୍ କଲୋନୀକୁ ଜବରଦଖଲ କରିଛି କିଏ ?

ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ପଶୁରୋଗ ଗବେଷଣା କେନ୍ଦ୍ର (ଏଡିଆର୍‌ଆଇ) ଅଧୀନରେ ଥିବା ଓମ୍‌ଫେଡ କଲୋନୀରେ ଥିବା ସମୁଦାୟ କ୍ୱାର୍ଟରର ଅଧା ବାହାର ଲୋକଙ୍କ ଜବରଦଖଲରେ ରହିଛି । ସର୍ବମୋଟ ୯୪ଟି କ୍ୱାର୍ଟର ଥିଲାବେଳେ ସେଥିମଧ୍ୟରୁ ୨୬ଟି କ୍ୱାର୍ଟର ଏଡିଆର୍‌ଆଇ ବିଭିନ୍ନ କର୍ମଚାରୀମାନଙ୍କ ନାମରେ ଆଲଟମେଣ୍ଟ କରିଥିବାବେଳେ ୨୧ଟି କ୍ୱାର୍ଟର ଏଡିଆରଆଇ ଅଧିନରେ ରହିଛି । ୪୭ଟି କ୍ୱାର୍ଟରକୁ ବିଭାଗ ସହିତ ସଂପୃକ୍ତ ନଥିବା ବିଭିନ୍ନ ବ୍ୟକ୍ତିବିଶେଷମାନେ ଜୋରଜବରଦସ୍ତ ମାଡିବସି ରହିଛନ୍ତି । ବିଭାଗ ତରଫରୁ କ୍ୱାର୍ଟର ଛାଡିବା ପାଇଁ ବାରମ୍ବାର ନୋଟିସ ଜାରି ହୋଇଥିଲେ ମଧ୍ୟ ସେମାନେ କ୍ୱାର୍ଟର ନଛାଡି ବ୍ୟକ୍ତିଗତ ଭାବରେ ଗୃହ ସଂପ୍ରସାରଣ କରିବା ସହିତ ବିଦ୍ୟୁତ୍ ସଂଯୋଗ ନେଇ ରହୁଛନ୍ତି । ଉକ୍ତ କଲୋନୀ ପରିସରରେ ଏକ ମନ୍ଦିର ନିର୍ମାଣ କରିବାକୁ ଉଦ୍ୟମ କରୁଥିବାବେଳେ ବିଭାଗ ତରଫରୁ କଟକ ସଦର ଥାନାରେ ଅଭିଯୋଗ କରାଯାଇ ମନ୍ଦିର ନିର୍ମାଣକୁ ବନ୍ଦ ରଖାଯାଇଥିବା ଜଣାପଡିଛି । କଲୋନୀଟି ବହୁ ପୁରାତନ ହୋଇଥିବାରୁ ଗୃହଗୁଡିକ ବିପଦସଂକୁଳ ଅବସ୍ଥାରେ ଅଛି । ବିଭାଗ ତରଫରୁ ୨୦୧୯ ମସିହା ଡିସେମ୍ବର ମାସ ୧୬ ତାରିଖରେ ଆର. ଆଣ୍ଡ୍ ବି.ର ଏକ୍‌ଜିକ୍ୟୁଟିଭ ଇଂଜିନିୟରଙ୍କୁ ଗୃହଗୁଡ଼ିକର ସ୍ଥିତି ଯାଞ୍ଚ ପାଇଁ ଚିଠି କରାଯାଇଥିଲା । କିନ୍ତୁ ତାହା ଏପର୍ଯ୍ୟନ୍ତ କରାଯାଇପାରିନାହିଁ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । କଟକ ଉପଜିଲ୍ଲାପାଳ ଚିଠି ନଂ ୩୩୪୫/୧୧.୩.୨୦ରେ ଏଡିଆର୍‌ଆଇର ଯୁଗ୍ମ ନିର୍ଦ୍ଦେଶକଙ୍କୁ କଲୋନୀରୁ ଜବରଦଖଲ ଉଚ୍ଛେଦ ପାଇଁ ଚିଠି କରିଥିଲେ । ବିଭାଗ ତରଫରୁ ଚିଠି ନଂ ୮୬୪/୨୦.୩.୨୦ରେ ଡେପୁଟି କମିଶନର ପୋଲିସ୍‌ଙ୍କୁ ଜବରଦଖଲ ଉଚ୍ଛେଦରେ ସହଯୋଗ କରିବା ପାଇଁ ଚିଠି ଲେଖି ଅନୁରୋଧ କରିଥିଲେ କି ୨୪.୩.୨୦୨୦ରେ କଲୋନୀରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ । ଏହାଭିତରେ ଦୀର୍ଘ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ କ'ଣ ପାଇଁ ଓ କାହା ସ୍ୱାର୍ଥରେ କଲୋନୀକୁ ଉଚ୍ଛେଦ କରାଯାଉନାହିଁ ତାହା ବୁଝାପଡୁନାହିଁ । ବାହାର ଲୋକ ରହିବା ଫଳରେ ସଂପୃକ୍ତ କଲୋନୀ ଅଂଚଳରେ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।

## ପତ୍ନୀର ଅଶ୍ଳୀଳ ଫଟୋ ଭାଇରାଲ କରି ସ୍ୱାମୀ ଗିରଫ

କେନ୍ଦ୍ରାପଡ଼ା (ପିଏନ୍): ପତ୍ନୀର ଅଶ୍ଳୀଳ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ କେନ୍ଦ୍ରାପଡା ଟାଉନ୍ ଥାନା ପୋଲିସ ସ୍ୱାମୀକୁ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ପ୍ରଶାନ୍ତ ପ୍ରଧାନ। ଅଭିଯୁକ୍ତ ସ୍ୱାମୀର ଘର ମହାକାଳପଡ଼ା ବ୍ଲକର ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ଏକଲପୁର ଗ୍ରାମରେ। ପ୍ରଶାନ୍ତ ବନ ବିଭାଗରେ ଚାକିରି କରୁଛନ୍ତି ବୋଲି କହି ବିବାହ କରିଥିଲେ। କିନ୍ତୁ ପତ୍ନୀ ଜାଣିବାକୁ ପାଇଥିଲେ ଯେ ସେ ଯେଉଁ ଚାକିରି କହି ବିବାହ କରିଛନ୍ତି ପ୍ରକୃତରେ ସେ ସେହି ଚାକିରି କରିନାହାଁନ୍ତି। ବାଧହୋଇ ପତ୍ନୀ ଶାଶୁଘରେ ରହିଥିଲେ। ଗତ କିଛିଦିନ ଧରି ପତ୍ନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଉଥିଲେ ପ୍ରଶାନ୍ତ। ଏଥିସହ ପିଲାମାନଙ୍କୁ ମଧ୍ୟ ମାରଧର କରୁଥିଲେ। ବାଧହୋଇ ପତ୍ନୀ କେନ୍ଦ୍ରାପଡା ସହରର ଗୋପରେ ପିଲାଙ୍କୁ ଧରି ଏକ ଭଡ଼ାଘରେ ରହିଥିଲେ। କିନ୍ତୁ ପ୍ରଶାନ୍ତ ଗୋପସ୍ଥିତ ଭଡ଼ାଘରକୁ ଯାଇ ପିଲାଙ୍କୁ ମାରଧର କରିବା ସହ ପତ୍ନୀଙ୍କୁ ମଧ୍ୟ ମାରଧର କରିଥିଲେ। ଏହାକୁ ବିରୋଧ କରିବାରୁ ପତ୍ନୀଙ୍କ ଅଶ୍ଳୀଳ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଥିଲେ। ଫଳରେ ପତ୍ନୀ ଏଥିନେଇ କେନ୍ଦ୍ରାପଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଗତ ଜୁଲାଇ ମାସ ୨ ତାରିଖରେ ୧୧୯/୨୦୨୨ରେ ଏକ ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଥିଲା। ଶୁକ୍ରବାର ତାଙ୍କୁ ଗିରଫ କରିବାରେ ପୋଲିସ ସକ୍ଷମ ହୋଇଛି। ଏ ସମ୍ପର୍କରେ ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି ଯେ ପତ୍ନୀଙ୍କ ଅଭିଯୋଗ ଆଧାରରେ ସ୍ୱାମୀଙ୍କୁ ଗିରଫ କରାଯାଇଛି।

## କବି ନାରାୟଣ ବାରିକ୍‌ଙ୍କ କବିତା ସଂକଳନ: 'ପାଣିତଳର ଜହ୍ନ'




ଆମ ଓଡ଼ିଶାର ବରେଣ୍ୟ ଶିକ୍ଷାବିତ୍, ପ୍ରଶାସକ, କବି, ପ୍ରଫେସର ଡକ୍ଟର ନାରାୟଣ ବାରିକ୍‌ଙ୍କ ପ୍ରଥମ କବିତା ସଂକଳନ 'ପାଣିତଳର ଜହ୍ନ' (୨୦୨୧) ସମକାଳୀନ ଓଡ଼ିଆ କବିତାର ଦିଗ, ବାଗ, ଆଙ୍ଗିକ ଓ ଆତ୍ମିକ ଉଭୟ ଦୃଷ୍ଟିକୋଣରୁ ନୂତନତ୍ୱର ସ୍ୱର ବହନ କରେ। ଏଥିରେ ମୋଟ୍ ୪୭ଟି କବିତା ରହିଛି। କବିଙ୍କ କାବ୍ୟ ଅନ୍ୱେଷଣରେ ମାନବବାଦୀ ସ୍ୱର, ବିଶ୍ୱପରିଚୟ ବୋଧ, ମାଟି ଓ ମଣିଷ ପ୍ରୀତି, ପ୍ରକୃତି ଓ ସୌନ୍ଦର୍ଯ୍ୟବୋଧର ପରିଚର୍ଯ୍ୟା ଦେଖିବାକୁ ମିଳେ। ସୁନ୍ଦର ପ୍ରୀତିର ଗୁଣୁଗୁଣୁ ସ୍ୱରଟିଏ ଭଳି ଏହା ମନ ପ୍ରାଣକୁ ଆଚ୍ଛାଦିତ କରି ରଖେ। ଏଥିରେ ସ୍ଥାନିତ କବିତାଗୁଡ଼ିକ ଉଭୟ ପ୍ରେମ ଓ ବିଶ୍ୱାସରେ ଉଦାର ଓ ହସହସ ପୁଣି ଶକ୍ତ ଯନ୍ତ୍ରଣାରେ ଜୁଡୁବୁଡୁ। ଏହା ସାରା ବିଶ୍ୱର ଯନ୍ତ୍ରଣାକୁ ବୁଝେ, ମଣିଷର ସମସ୍ୟାକୁ କାନଡେରି ଶୁଣେ। କବିଙ୍କ ଭାଷାରେ କେଉଁଠୁ ଖୋଜି ଆଣିଥା'ନ୍ତି ଅବା ତୁମ ପାଇଁ ଐରାବତ ହସ୍ତୀ, ଅଣିମାଦି ଅଷ୍ଟନିଧି କୁବେରଙ୍କ ନବରତ୍ନ, ଉଡ଼ି ବୁଲୁଥା'ନ୍ତ ତୁମେ ପରୀଟିଏ ପରି କେଉଁ ଏକ ସ୍ୱପ୍ନ ଇଲାକାରେ ମାଟି, ପାଣି, ପବନରେ ମୋହ ସାଥେ।' (ଅସମାପିକା) କବିତାର କେନ୍ଦ୍ରବିନ୍ଦୁକୁ ପ୍ରତିଧ୍ୱନିତ କରୁଛନ୍ତି ଜଣେ ଅନନ୍ୟ ସୁନ୍ଦରୀ ନାରୀ। ସେ ସ୍ୱପ୍ନ ନାୟିକା ବା କବିପତ୍ନୀ ଡକ୍ଟର କୁଞ୍ଜଲତା ଦାସ ହୋଇପାରନ୍ତି। ପୃଥିବୀର ସବୁ ନରନାରୀ, ନାୟକ-ନାୟିକା ଆଜି ଏକ ଧୂଧୂ ଧୂସର ଭୂମିରେ ଠିଆ ହୋଇଛନ୍ତି ଯେମିତି। ଏକ ପରିପୂର୍ଣ୍ଣ ଜୀବନକୁ ନେଇ ଏଠି ମୁଠା ମୁଠା ସ୍ୱପ୍ନ ଅଛି। କବିଙ୍କ ଭାଷାରେ-"ଫୁଲ ପରି ତମ ମନକୁ ଯେତେଥର ଛୁଇଁଛି, ବାସ୍ନାରେ ଆମୋଦିତ ହୋଇ ପଡ଼ିଛି ସର୍ବାଙ୍ଗ" (ଅଭିସାର) ଗୋଟେ ଦୁଃଖବୋଧ ବା ଅବଶୋଷପୂର୍ଣ୍ଣ ଯନ୍ତ୍ରଣା ହିଁ ସକଳ ସୃଷ୍ଟିର ମୂଳଉତ୍ସ। କବିତାରେ ଆମେ ଏକ ସାମୂହିକ ମଣିଷର (Collective Human being)ର ସ୍ୱର ଶୁଣିଥାଉ। 'ପାଣି'-ଜୀବନର ପ୍ରତୀକ 'ଜହ୍ନ'। ସୌନ୍ଦର୍ଯ୍ୟ, ପ୍ରେମ-ଆନନ୍ଦ ଓ ସେକ୍ସର ପ୍ରତୀକ ଅଟେ। 'ପାଣିତଳର ଜହ୍ନ' କବିତା ଗ୍ରନ୍ଥଟି ଅସୀମ ଜୀବନର ଜୟଗାନ, ଜୀବନ-ଜିଜ୍ଞାସା ଓ ଯୁଗ ଚେତନାର ସ୍ୱର ବହନ କରେ। ସମଗ୍ର ବିଶ୍ୱ ଯେତେବେଳେ ଭୟ, ସଂଶୟ, ଅବିଶ୍ୱାସ ଓ ସନ୍ଦିଗ୍ଧ ଭାବନାରେ ଭୀତତ୍ରସ୍ତ ହୋଇପଡ଼ିଛି, ସେତେବେଳେ କବି ଯୀଶୁଖ୍ରୀଷ୍ଟଙ୍କ ଭଳି ଉଦାର ପ୍ରେମର ପ୍ରତିଛବି ଆଙ୍କିଛନ୍ତି। ଯଥାର୍ଥରେ କୁହାଯାଏ-"Poetry begins not in isolation but in relationship." କବିତାରେ- ଖରା, ମେଘ, ମରୁଭୂମି, ରାସ୍ତା, ଘାସ, ଜହ୍ନ, ଗୋଲାପ, ହ୍ରଦ, ପାହାଡ଼ ଆଦି ଆର୍କଟାଇପ୍‌ଗୁଡ଼ିକ ଜୀବନର ଏକ ଉତ୍ତୀର୍ଣ୍ଣବୋଧକୁ ତଥା ବିପୁଳ ଆକାଂକ୍ଷାକୁ ପ୍ରତୀକିତ କରିଥା'ନ୍ତି। ଏମିତିକି କୁହାଯାଏ- "A Symbol is a visible of audible song of some thought." ସାମ୍ପ୍ରତିକ କବିତାରେ ଡକ୍ଟର ନାରାୟଣ ବାରିକ୍ ଏକ ପରିଚିତ ସ୍ୱର। ଏହା ସବୁଠି ଗ୍ରହଣୀୟ ଅଟେ।

## ନାବାଳକକୁ ଇଟାଭାଟିରେ ଖଟାଇ ନିର୍ଯ୍ୟାତନା

କେନ୍ଦ୍ରାପଡ଼ା (ପିଏନ୍): ଜନୈକ ନାବାଳକକୁ ଏକ ଇଟାଭାଟିରେ ଖଟାଇବା ସହ ତାକୁ ନିର୍ଯ୍ୟାତନା ଦିଆଯିବା ନେଇ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଅଭିଯୋଗ ପରେବି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ନେଇ ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ଗୁଲୁଦିଆ ଗ୍ରାମର ଅଜାମିଳ କାମିଲାଙ୍କ ପତ୍ନୀ କବିତା କାମିଲା ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ନାବାଳାକ ସାନପୁଅ ଗୌତମ କାମିଲାକୁ ସେହି ଗ୍ରାମର କୃତିବାସ ସରକାର ନେଇ ତାଙ୍କ ଇଟାଭାଟି ଏବଂ ଟ୍ରାକ୍ଟରରେ ଶ୍ରମିକ ଭାବରେ ଖଟାଉଥିଲେ। ଏ ସମ୍ପର୍କରେ କୃତିବାସ ଗୌତମର ପିତାମାତାଙ୍କୁ କିଛି ଜଣାଇନଥିଲେ। ଗତ ଜୁନ ମାସ ୩୦ତାରିଖରେ, କୃତିବାସ ତାଙ୍କ ପୁଅ ଏବଂ ପତ୍ନୀ ଗୌତମକୁ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରୁଥିବା ସମ୍ପର୍କରେ ଖବର ପାଇ ଗୌତମର ମା' କବିତା କାମିଲା, ବାପା ଅଜାମିଳ କାମିଲା ଓ ବଡଭାଇ ଉତମ କାମିଲା ଘଟଣାସ୍ଥଳରେ ପହଞ୍ଚି ଗୌତମକୁ ନମାରିବା ପାଇଁ କୃତିବାସଙ୍କୁ ନିବେଦନ କରିବାରେ ସେମାନେ କବିତାଙ୍କୁ ଗାଳିଗୁଲଜ କରି ଧକ୍କା ତଣ୍ଟିଆ ମାରି ସେ ପିନ୍ଧିଥିବା ଲୁଗାଟିକୁ ଟାଣି ଚିରି ଦେବା ସହ କବିତାଙ୍କୁ ଜୀବନରେ ମାରିଦେବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ଏଥିସହିତ ତାଙ୍କ ସ୍ୱାମୀ ଓ ବଡପୁଅ ଉତମକୁ ମାଡମାରି ତା'ଠାରୁ ଏକ ମୋବାଇଲ ଫୋନ ଓ ସୁନା ଲକେଟ ଛଡାଇନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତନ୍ତିଆପାଳ ଥାନାରେ କବିତା ଲିଖିତ ଅଭିଯୋଗ କରିଥିଲେ ବି ପୋଲିସ ରାଜନୈତିକ ଚାପର ବଶବର୍ତୀ ହୋଇ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା କବିତା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ମହିଳା ଗୋଷ୍ଠୀ ପକ୍ଷରୁ ବଡ଼ଦାଣ୍ଡରେ ପିଠା ବିତରଣ

ଫୁଲନଖରା (ପିଏନ୍)- ମା' ମହାଲକ୍ଷ୍ମୀ ମହିଳା ମିଶନ ଶକ୍ତି ସଂଗଠନ ପକ୍ଷରୁ ପୁରୀ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ବିଭିନ୍ନ ପ୍ରକାର ପିଠା ଯଥା: ମଣ୍ଡା, ଏଣ୍ଡୁରୀ, ଚିତଉ ଓ କାକରା ଆଦି ବିତରଣ ହୋଇଥିଲା। ରଥଯାତ୍ରା ଅବସରରେ କଟକ ମହାନଗର ନିଗମ ଅନ୍ତର୍ଗତ ଜୋବ୍ରା ଅଞ୍ଚଳର ଏହି ଅଗ୍ରଣୀ ସଂଗଠନ ଆନୁକୂଲ୍ୟରେ ୫କ୍ୱିଣ୍ଟାଲ ପରିମାଣ ଚାଉଳର ପିଠା ଭକ୍ତଙ୍କୁ ଦିଆଯାଇଛି। ସଂଘ ସଭାନେତ୍ରୀ ଡଃ. ପ୍ରଣତୀ ମହାପାତ୍ର ଓ ସମ୍ପାଦିକା କଳ୍ପନା ପାଣିଙ୍କ ନେତୃତ୍ୱରେ ରେଣୁବାଳା ରାଉତ, ମୀନାକ୍ଷୀ ପଟ୍ଟନାୟକ, ଗୀତାଂଜଳି ମିଶ୍ର, ସଂଘମିତ୍ରା ବାରିକ, ନିର୍ମଳା କୁମାରୀ ପାତ୍ର, ସୁଚିତ୍ରା ମିଶ୍ର, ବିନିତା ରାଉତ ଓ କ୍ଷଣପ୍ରଭା ବାରିକଙ୍କ ସମେତ ଶତାଧିକ ମହିଳା ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଓଡ଼ିଶାରେ ପାଳିତ ବିଭିନ୍ନ ପର୍ବପର୍ବାଣିରେ ଏହି ସଂଗଠନ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାର ବସ୍ତି ଅଞ୍ଚଳରେ ପିଠାପଣା ଆଦି ବଣ୍ଟନ କାର୍ଯ୍ୟ ଦୀର୍ଘ ବର୍ଷ ଧରି ହୋଇଆସୁଛି।

## ପାରାଦୀପ ବନ୍ଦର ଶ୍ରମିକ ୟୁନିୟନର ୩୮ତମ ବାର୍ଷିକ ସମ୍ମିଳନୀ

ପାରାଦୀପ (ପିଏନ୍)-ପାରାଦୀପ ବନ୍ଦର ଶ୍ରମିକ ୟୁନିୟନର ୩୮ତମ ବାର୍ଷିକ ସମ୍ମିଳନୀ ମଧୁବନସ୍ଥିତ ୟୁନିୟନ ପରିସରରେ ଆୟୋଜିତ ହୋଇଯାଇଛି । ବରିଷ୍ଠ ଶ୍ରମିକ ନେତା ଅଜେୟ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବର୍ଷିୟାନ କୃଷକ ନେତା ସଚ୍ଚିକାନ୍ତ ପାଣି, ୟୁନିୟନର ସାଧାରଣ ସମ୍ପାଦକ ନିମାଇଁ ଚରଣ ବରାଳ ପ୍ରମୁଖ ଯୋଗଦେଇ ଜାତି, ଧର୍ମ, ବର୍ଣ୍ଣ ଓ ଅଂଚଳ ନାମରେ ଶ୍ରମିକ ଶ୍ରେଣୀକୁ ଭାଗ ଭାଗ କରି ଦେଶର ଶାସକ ଗୋଷ୍ଠୀ ଶ୍ରମିକ ଶୋଷଣ ନୀତି ବିରୁଦ୍ଧରେ ଶ୍ରମିକ ଶ୍ରେଣୀ ସଚେତନ ଏବଂ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଆଗାମୀ ବର୍ଷ ନିମନ୍ତେ ଅଜେୟ ରାଉତ ସଭାପତି, ନିମାଇଁ ଚରଣ ବରାଳ ସାଧାରଣ ସମ୍ପାଦକ, ଅଜୟ କୁମାର ବେହେରା ସହ-ସାଧାରଣ ସମ୍ପାଦକ, କୁଶ ଚରଣ ସୂତାର ଉପସଭାପତି ଏବଂ ଅଜୟ କୁମାର ସାହୁ କୋଷାଧ୍ୟକ୍ଷଙ୍କ ସମେତ ୧୮ ଜଣ କର୍ମକର୍ତା ଏବଂ ୪୯ ଜଣିଆ କାର୍ଯ୍ୟକାରୀ କମିଟି ସଭ୍ୟ ନିର୍ବାଚିତ ହୋଇଛନ୍ତି । ଏହି ସମ୍ମିଳନୀରେ ଶତାଧିକ ବନ୍ଦର ଶ୍ରମିକ ଓ କର୍ମଚାରୀ ଯୋଗ ଦେଇଥିଲେ ।

## ଚଉଦକୁଳାଟ ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରୁ ଚୋରି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ତଥା ଚଉଦକୁଲାଟ ଫାଣ୍ଡି ଅନ୍ତର୍ଗତ ତମାଳଶାସନସ୍ଥିତ ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରୁ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାକୁ କେହି ଚୋରି କରି ନେଇଥିବା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ ହୋଇଛି। ଗତ ୫ବର୍ଷ ଭିତରେ ଏହା ଦ୍ୱିତୀୟ ଥର ଚୋରି ହୋଇଛି। ଅଷ୍ଟଧାତୁରେ ନିର୍ମିତ ଶ୍ରୀଦଧିବାବନଜିଉଙ୍କ ଚଳନ୍ତି ପ୍ରତିମାକୁ କେହି ଦୁର୍ବୃତ ଚୋରି କରି ନେଇଯାଇଛି। ଗତ ୨୦୧୭ ମସିହାରେ ଚୋରି ହୋଇଯାଇଥିବା ବିଗ୍ରହ ସ୍ଥାନରେ ମନ୍ଦିର ପ୍ରଶାସନ ପକ୍ଷରୁ ଏକ ନୂତନ ପ୍ରତିମା ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଏହାର ୧୫ମାସ ପରେ ଚୋରି ହୋଇଯାଇଥିବା ପ୍ରତିମା ଏକ ପରିତ୍ୟକ୍ତ ସ୍ଥାନରୁ ମିଳିବା ପରେ ଏକ ଆଧାତ୍ମିକ ପରିବେଶରେ ସେହି ପ୍ରତିମାକୁ ମନ୍ଦିରକୁ ନିଆଯାଇ ପୂଜାର୍ଚ୍ଚନା କରାଯାଇ ଆସୁଥିଲା । କେହି ଦୁର୍ବୃତ ମନ୍ଦିର ପରିବେଶ ଶୁନଶାନ ହେବା ପରେ ମନ୍ଦିର ଗ୍ରୀଲର ତାଲା ଭାଙ୍ଗି ୨ଟି ଚଳନ୍ତି ବିଗ୍ରହକୁ ଚୋରିକରି ନେଇଯାଇଛି । ଚଉଦକୁଲାଟ ଫାଣ୍ଡି ତଥା ପଟ୍ଟାମୁଣ୍ଡାଇ ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ତମାଳଶାସନର ଶ୍ରୀଦଧିବାମନଜୀଉ ଓଡିଶା ସରକାରଙ୍କ ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ମନ୍ଦିର ପରିସରରେ ସିସି କ୍ୟାମେରା ଲଗାଇବା ପାଇଁ ଓ ଚୋରକୁ ଧରାଯାଇ କଠିନ ଦଣ୍ଡ ବିଧାନ କରାଯିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

## ପାରାଦୀପରେ ନିଟ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ

ପାରାଦୀପ (ପିଏନ୍)-ପାରାଦୀପ ଠାରେ ପ୍ରଥମ ଥର ପାଇଁ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍ ଅନୁଷ୍ଠିତ ହୋଇଥିଲା । ଚଳିତ ମାସ ୧୭ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ପାରାଦୀପଠାରେ ଏହି ପ୍ରବେଶିକା ପରୀକ୍ଷା ନିଟ୍-୨୦୨୨ ଜାତୀୟ ପରୀକ୍ଷଣ ସଂସ୍ଥା (ଏନଟିଏ) ଦ୍ୱାରା ସୂଚାରୁରୂପେ ପରିଚାଳିତ ହୋଇଯାଇଛି । ଏହି ଜାତୀୟସ୍ତରର ପ୍ରବେଶିକା ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ପାଇଁ ସର୍ବମୋଟ ୭୦୬ ଜଣ ଛାତ୍ରଛାତ୍ରୀ ପଂଜିକୃତ ହୋଇଥିବା ସ୍ଥଳେ ୬୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଜଗତସିଂହପୁର ପବ୍ଲିକ୍ ସ୍କୁଲ୍‌ଠାରେ ୨୦୨ ଜଣ, ପାରାଦୀପ ପୋର୍ଟ ଡି.ଏ.ଭି. ସ୍କୁଲରେ ୩୬୦ ଜଣ ଓ ପିପିଏଲ୍ ଡି.ଏ.ଭି. ପବ୍ଲିକ୍ ସ୍କୁଲରେ ୧୪୪ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା । ତେବେ ଜିଲ୍ଲାରେ ପ୍ରଥମ ଥର ପାଇଁ ନିଟ୍ ପ୍ରବେଶିକା ପରୀକ୍ଷା ଆୟୋଜିତ ହୋଇଥିବାରୁ ଆଗାମୀ ଦିନ ପାଇଁ ବିଭିନ୍ନ ଜାତୀୟ ପରୀକ୍ଷା ଏହି ଜିଲ୍ଲାରେ ହେବା ପାଇଁ ପଥ ସୁଗମ ହୋଇଛି । ଏହି ପରୀକ୍ଷାକୁ ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ୨୦ ମାସ ପୁରିଲା, ହେଲେ ନ୍ୟାୟ ମିଳିଲାନି

# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଯିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଯିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଯିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

## ଗ୍ରାମ୍ୟ ରାସ୍ତା ଖୋଳାଯିବା ନେଇ ଥାନାରେ ଅଭିଯୋଗ

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ



କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ନଇବୁଗା ପଂଚାୟତ ରାସ୍ତାକୁ କେତେକ ମୁଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି । ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପଞ୍ଚ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି । ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା । ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ । ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ । ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା । ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ । କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୁଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି । ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି । ଏହି ରାସ୍ତା ଉପରେ ଚୁଡିସାହି,ମୁଣ୍ଡାସାହି,ସାକ୍ରାଡିହି,ନଇବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା । ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପଞ୍ଚ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅଞ୍ଚଳ ଅଶାନ୍ତ ହୋଇପଡିଛି । ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ । ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇନଥିଲା । ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା । ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି । ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି । ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି । ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି । ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ । ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି । ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଛନ୍ତି । ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି । ଏଥିସହ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଳି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ପୋଖରୀରୁ ମୃତଦେହ ଉଦ୍ଧାର

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ମୁକ୍ତାପୁର ଗ୍ରାମର ମୁକ୍ତାସାଗରରୁ ଏକ ମୃତ ଦେହକୁ ଖଡିଆଳ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଖଡିଆଳ ବ୍ଲକ ବାଦୀ ପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମର ବ୍ରଜମୋହମ ନାଗ (୪୫) ବୋଲି ଜଣାପଡିଛି । ସୂଚନା ମତେ ବ୍ରଜମୋହନ ଗତକାଲି ଠାରୁ ନିଖୋଜ ଥିଲେ । ପରିବାର ଓ ସମ୍ପର୍କୀୟ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇନଥିଲେ । ଗୁରୁବାର ସକାଳ ସମୟରେ ସ୍ଥାନୀୟ ମୁକ୍ତାସାଗର ପୋଖରୀରେ ଭାସୁଥିବାର ଖବର ପାଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଦମକଳ ବାହିନୀର ସହାୟତାରେ ଉଦ୍ଧାର କରିଥିଲା । ଏନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ବ୍ରଜମୋହନଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରିଛନ୍ତି । ହିନ୍ଦୁସ୍ଥାନ ସମାଚାର/ହେମନ୍ତ/ଭାନୁ

## ପିଆଜ ଦର କମୁନି- ଚିନ୍ତାରେ ଖାଉଟି

ନୂଆପଡା, (ପିଏନ) ନୂଆପଡା ଜିଲ୍ଲାରେ ୧ ମାସରୁ ଅଧିକ ହେବ ପିଆଜ ଦର କମୁନଥିବା ଅଭିଯୋଗ ହେଉଛି । ପିଆଜ ଦର କେଜି ପ୍ରତି ୨୦ ଟଙ୍କା ଦରରେ ବିକ୍ରୟ କରାଯାଉଥିଲା । ହେଲେ ହଟାତ ଦର ବୃଦ୍ଧି ପାଇ ୬୦ ରୁ ୮୦ ଟଙ୍କା ରେ ବିକ୍ରୟ କରାଯାଉଛି । ଦୋକାନୀ ମାନେ କେଜି ପ୍ରତି ୬୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଥିବା ବେଳେ ବଜାରର ବେପାରୀ ମାନେ ୭୦ ରୁ ୮୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଛନ୍ତି । ହଟାତ ପିଆଜ ଦର ବୃଦ୍ଧି ଖାଉଟିଙ୍କୁ ବାଧୁଥିବା ବେଳେ ଦରକୁ ଦେଖି ଖାଉଟି ଆବଶ୍ୟକ ପରିମାଣରେ ପିଆଜ କିଣିକି ନେଉନଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି ।

## ଗ୍ଲୋବାଲ ସ୍କୁଲ ଆୱାଡ୍ -୨୦୨୦ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ୍ ଆୱାଡ୍ -୨୦୨୦ ପାଇଥିବା ଜଣାପଡିଛି । ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାଡ୍ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର -୨୦୨୦ ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି । ଗ୍ରାମା ଳରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି । ଜଣେ ଶିକ୍ଷକ ସଂଗଠକ, ସିଆର୍‌ସିସି ଭାବରେ ସେ ସୁପରିଚିତ ।

## ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟ ମହୋତ୍ସବ

କେନ୍ଦ୍ରାପଡ଼ା,(ପି.ଏନ); ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ କେନ୍ଦ୍ରାପଡା ଜିଲ୍ଲାରେ ବିଦ୍ୟୁତ କ୍ଷେତ୍ରରେ ହୋଇଥିବା ପ୍ରଗତି ଏବଂ ୨୦୪୭ ବର୍ଷ ପର୍ଯ୍ୟନ୍ତ ଥିବା ଆଶା ଓ ଆକାଂକ୍ଷା ଉପରେ "ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟ" ଜିଲ୍ଲା ସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହେବ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସୂଚନା ଅନୁଯାୟୀ ଆସନ୍ତା ୨୭ତାରିଖରେ କେନ୍ଦ୍ରାପଡା ପୌରସଂସ୍ଥା ଟାଉନହଲ ପରିସରରେ ଏବଂ ୨୯ତାରିଖରେ ପଟ୍ଟାମୁଣ୍ଡାଇ କଲ୍ୟାଣ ମଣ୍ଡପରେ 'ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟ' ମହୋତ୍ସବ ଅନୁଷ୍ଠିତ ହେବ ।

# ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ



ଭୁବନେଶ୍ୱର, ୨୫।୭ : ଓଡ଼ିଶା ସାହିତ୍ୟ ଏକାଡେମୀ ଦେଶର ଏପରି ଏକ ଅନୁଷ୍ଠାନ, ଯିଏ ପିଲାଦିନରୁ ତିଆରି କରୁଛି ଲେଖକଏହି ମର୍ମରେ କହିଛନ୍ତି ମୁଖ୍ୟଅତିଥି ବିଶିଷ୍ଟ ଭାରତୀୟ ହିନ୍ଦୀ କବି ଅରୁଣ କମଲ । ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ତା ୨୫.୭.୨୦୨୨ରିଖ ଦିନ ଭୁବନେଶ୍ୱରସ୍ଥ ଭଞ୍ଜକଳା ମଣ୍ଡପଠାରେ ଆୟୋଜିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ଅଶ୍ୱିନୀ କୁମାର ପାତ୍ର ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଉଦ୍‌ଘାଟକ ଭାବେ ଯୋଗଦାନ କରି କହିଥିଲେ ଯେ, ଭଲ କାମରେ ସମସ୍ୟାର ଶେଷନାହିଁ । କିନ୍ତୁ ତା'ରି ଭିତରେ ଏକାଡେମୀକୁ ତା'ର ଭାଷା-ସାହିତ୍ୟ କାର୍ଯ୍ୟକ୍ରମରେ ଆଗେଇ ଯିବାକୁ ପଡ଼ିବ । ଶ୍ରୀ ମଧୁସୂଦନ ପାଢ଼ୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ବିଶିଷ୍ଟ ଅତିଥି, ଶ୍ରୀ ରଞ୍ଜନ କୁମାର ଦାସ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମ୍ମାନନୀୟ ଅତିଥି ଯୋଗ ଦେଇଥିଲେ । ଡକ୍ଟର ହୃଷୀକେଶ ମଲ୍ଲିକ, ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ ଉକ୍ତ ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ଶ୍ରୀ ସଂଗ୍ରାମ ଜେନା ଉପସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ ସମାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଏକାଡେମୀରସଚିବ ଶ୍ରୀ ପ୍ରବୋଧ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହିତ ଏକାଡେମୀର ଆଭିମୁଖ୍ୟ ଉପରେ ବିସ୍ତୃତ ବିବରଣୀପ୍ରଦାନ କରିଥିଲେ । ଏହି ଉତ୍ସବରେ ରାଜ୍ୟସ୍ତରୀୟ ସାରସ୍ୱତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୨୪ ଜଣ କନିଷ୍ଠ ଓ ବରିଷ୍ଠବିଭାଗର ଛାତ୍ରଛାତ୍ରୀ ଏବଂ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟର ଓଡ଼ିଆ ବିଷୟରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମସ୍ଥାନ ଅଧିକାର କରିଥିବା ୧୪ ଜଣଙ୍କୁ ପୁରସ୍କୃତ କରାଯାଇଥିଲା । ମନ୍ତ୍ରୀ ଶ୍ରୀ ପାତ୍ର ଏକାଡେମୀ ପକ୍ଷରୁ ପ୍ରକାଶିତ ୪ ଗୋଟି ପୁସ୍ତକଯଥା - 'ଓଡ଼ିଶା ସାହିତ୍ୟ ଏକାଡେମୀ ଇତିହାସ', ଅନୀତା ଅଗ୍ନିହୋତ୍ରୀଙ୍କ ବଙ୍ଗଳା ପୁସ୍ତକ 'ମହାନଦୀ'ର ଓଡ଼ିଆ ଅନୁବାଦ ଏବଂସାରଦ ମିଶ୍ରଙ୍କର ୪ ଟି ଓଡ଼ିଆ ଅନୁଦିତ ପୁସ୍ତକ ପାଠକାର୍ପଣ କରିଥିଲେ । ଅନୀତାଙ୍କ ପୁସ୍ତକର ଅନୁବାଦ କ୍ଷୀରୋଦ ପରିଡ଼ାକରିଥିବା ବେଳେ ସାରଦାଙ୍କ ଅନୁଦିତ ପୁସ୍ତକର ସଂକଳକ ଅଛନ୍ତି ଡକ୍ଟର ହରିଦ ଶତପଥୀ ଓ ସରସ୍ୱତୀ ଦେବୀ । ଓଡ଼ିଶା ସାହିତ୍ୟଏକାଡେମୀ ଇତିହାସ (୧୯୫୭ -୨୦୨୨)ର ପ୍ରସ୍ତୁତି ରବି ରାୟଙ୍କ ଦ୍ୱାରା କରାଯାଇଅଛି ।

2021-2022
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
(Special discount for new admission before 15.03.2021)
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ସମାଜସେବୀ ଡାକ୍ତର ବିମଳ ରଥଙ୍କ ସ୍ମୃତିରେ ବୃକ୍ଷରୋପଣ



ଖୋର୍ଦ୍ଧା (ପି.ଏନ) :ଦରଦୀ ଚିକିତ୍ସକ, ଖୋର୍ଦ୍ଧା ଜିଲ୍ଲା ବିକାଶର ପ୍ରମୁଖ ବିନ୍ଧାଣୀ, ଭାଷା, ସାହିତ୍ୟ, କଳା, ସଂସ୍କୃତିର ଉପାସକ ସମାଜସେବୀ ତଥା ବହୁ ଜନପ୍ରିୟ ଡାକ୍ତର ବିମଳ କୁମାର ରଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ବରୁଣେଇ ପାଦଦେଶରେ ଅନୁଷ୍ଠିତ ହୋଇଯାଇଛି । ଡ. ବିମଳ ରଥ ସ୍ମୃତି କମିଟି ପକ୍ଷରୁ ଅଧ୍ୟାପିକା କବିତରାଣୀ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ପ୍ରାକ୍ତନ ଜିଲାପାଳ ଦେବରାଜ ସେନାପତି, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସମାଜସେବୀ ଅଖିଳ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ରତ୍ନାକର ରଣସିଂହ, ରମେଶ ଚନ୍ଦ୍ର ପ୍ରଧାନ, ଡ. ବୃନ୍ଦାବନ ପଣ୍ଡା, ଅରୁଣ ଭଂଜଦେଓ, ଶଙ୍କର୍ଷଣ ମିଶ୍ର, ଡ. ଚପଳା ପଣ୍ଡା, ପ୍ରଦୀପ୍ତ କୁମାର ଦାସ, ଇନ୍ଦୁଭୂଷଣ ଭଂଜ, ମହମ୍ମଦ କେଫାତୁଲ୍ଲା, ଧନେଶ୍ୱର ଦାସ, ନୀଳମାଧବ ଦାସ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ବକ୍ତାମାନେ ସ୍ୱର୍ଗତ ରଥଙ୍କ ସ୍ମୃତିଚାରଣ କରି କହିଥିଲେ ଯେ, ଡା. ରଥ ଜଣେ ହୃଦୟଖୋଲା ବ୍ୟକ୍ତି ଥିଲେ। ବିନା ପାଉଣାରେ ସେ ଚିକିତ୍ସା କରୁଥିଲେ। କେବଳ ଶରୀର ନୁହେଁ, ମନର କଥା ମଧ୍ୟ ସେ ବୁଝିପାରୁଥିଲେ। ତାଙ୍କ ସେବାପରାୟଣତାକୁ ଦୃଷ୍ଟିରେ ରଖି ଖୁବ୍ ଶୀଘ୍ର ତାଙ୍କ ନାମରେ ଏକ ଟ୍ରଷ୍ଟ ଗଠନ କରାଯିବା ସହ ତାଙ୍କ ସ୍ମୃତିରେ ଜଣେ ନିଃସ୍ୱାର୍ଥପର ଜନସେବୀ ଡାକ୍ତରଙ୍କୁ ସେପ୍ଟେମ୍ବର ୨ ତାରିଖରେ ହେବାକୁ ଥିବା ଜୟନ୍ତୀ ଉତ୍ସବରେ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏତଦବ୍ୟତୀତ ଡ. ରଥଙ୍କ ନାମରେ ବିଜ୍ଞାନ ପାର୍କର ନାମକରଣ ପାଇଁ ରାଜ୍ୟ ସରକାରଙ୍କ ଘୋଷଣାନାମା କାର୍ଯ୍ୟକାରୀ ହେବା, ଡ. ରଥଙ୍କ ବାସଭବନ ପର୍ଯ୍ୟନ୍ତ ରାସ୍ତାକୁ ତାଙ୍କ ନାମରେ ନାମିତ କରିବା, ବାଟମଙ୍ଗଳା ଛକରେ ଏକ ପ୍ରତିମୂର୍ତ୍ତି ସ୍ଥାପନ, ପାଠାଗାର ପ୍ରତିଷ୍ଠା, ସ୍କୁଲ, କଲେଜରେ ତାଙ୍କ ଜୀବନୀ ଆଧାରିତ ପ୍ରତିଯୋଗିତା ଆଦି କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଡ. ରଥଙ୍କ ପରିବାର ପକ୍ଷରୁ ଇଂ ଅରୁଣ କୁମାର ମିଶ୍ର, ସ୍ମୃତି ରଥ, ଅପରାଜିତା ରଥ, ଆର୍ଯ୍ୟା ମିଶ୍ର, ଅଂଶୁଲ କୁମାର ନନ୍ଦ ପ୍ରମୁଖ ସ୍ୱର୍ଗତ ରଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ନାଗରିକ ମଂଚର ସମ୍ପାଦକ ସଂଜୟ ପଟ୍ଟନାୟକ, ଖୋର୍ଦ୍ଧା ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ, ପ୍ରଦୋଷ କୁମାର ସାହୁ, ଗଦାଧର ରଥ ପ୍ରମୁଖ ପରିଚାଳନା କରିଥିଲେ। ନିଉ ଥିଙ୍କିଙ୍ଗ୍ ଫୋରମର ସମ୍ପାଦକ ନରେନ୍ଦ୍ର କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ତରଫରୁ ରକ୍ତଦାନ ଶିବିର

ଧର୍ମଶାଳା, (ପିଏନ୍): ଧର୍ମଶାଳାର ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ ଏବଂ ରାଜ୍ୟସଭା ସାଂସଦ ସ୍ୱର୍ଗତ କଳ୍ପତରୁ ଦାସଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ତରଫରୁ ରକ୍ତଦାନ ଶିବିର ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ୭ଗୋଟି ସ୍ଥାନରେ ଅନୁଷ୍ଠିତ କରାଯାଇଥିଲା । ଏହି ରକ୍ତଦାନ ଶିବୀରରେ ମୋଟ ୨୫୫୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଉକ୍ତ ରକ୍ତଦାନ ଶିବିରରେ ଆବାହାକ ଓଡିଶା ମୋ ପରିବାର ଅରୁପ ପଟ୍ଟନାୟକ, ବିଜୁ ମହିଳା ଜନତା ଦଳ ରାଜ୍ୟ ସଭାପତି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜୁ ଯୁବ ଜନତା ଦଳ ରାଜ୍ୟ ସଭାପତି ବିଧାୟକ ବ୍ୟୋମକେଶ ରାୟ, ରାଟଜ୍ୟ ଛାତ୍ର ସଭାପତି ବିଧାୟକ ବାର୍ଙ୍କି ଦେବୀରନ ତ୍ରିପାଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବିଜୁ ଯୁବ ଜନତା ଦଳର ମହାସଚିବ ଏଲିନା ଦାସ, ବିଜୁ ଛାତ୍ର ଜନତା ଦଳର ମହାସଚିବ ଇପ୍ସିତା ସାହୁ, ଧର୍ମଶାଳା ପ□ାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏବଂ ରସୁଲପୁର ବ୍ଲକ୍ ଅଧକ୍ଷ ଅରୁଣ କୁମାର ରାଉତ ଯୋଗଦେଇଥିଲେ ।

## ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ବିଜୟ ଉତ୍ସବ



ଭୁବନେଶ୍ବର,(ପି.ଏନ): ଆଜି ଅପରାହ୍ନ ୫ଟା ସମୟରେ ବିଜେପି ନଗର ମଣ୍ଡଳ ତରଫରୁ ସ୍ଥାନୀୟ ଗୁଡିପଦା ହନୁମାନ ମନ୍ଦିର ନିକଟରେ ଏକ ବିଜୟ ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସାଫଲ୍ୟତା ପାଇଁ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କ ସହିତ ସମାଜର ଅନ୍ୟାନ୍ୟ ବର୍ଗର ଲୋକମାନେ ଭାଗନେଇ ସାଫଲ୍ୟମଣ୍ଡିତ କରିଥିଲେ। ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ ଓ ମହାମହିମ ରାଷ୍ଟ୍ରପତିଙ୍କ ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ। ଅନୁସୂଚିତ ଜନଜାତିର ପୁରୁଷ ମହିଳା ମାନେ ତାଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ରରେ ନୃତ୍ୟ ସଙ୍ଗୀତ କରିଥିଲେ। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର,ପୁର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୁର୍ବତନ ଜିଲ୍ଲା ସଭାପତି ଲମ୍ବଦୋର ନାୟକ, ପୁର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ସୋଭନା ମହାନ୍ତି,ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ନାରୀ ନେତ୍ରୀ ସୁଷମା ବିଶ୍ୱାଳ, ମମତା ମହାପାତ୍ର ଓ ସସ୍ମିତା ପଣ୍ଡା, ଜିଲ୍ଲା ସମ୍ପାଦକ ଆଶିଷ ଘୋଷ, ଜୋଗେନ୍ ରଣା, ଦୁକୁଲ ଘଡାଇ, ଆଦିବାସୀ ମୋର୍ଚ୍ଚାର ସଭାପତି ବିପିନ୍ ମାରାଣ୍ଡି, ଜିଲ୍ଲା ଉପସଭାପତି କମଳା ବିନ୍ଧାଣୀଓ କମଲଲୋଚ଼ନ ଦାସ, ମିଡ଼ିଆ ସହ ସଂଯୋଜକ ରଣଜିତ ପୃଷ୍ଟି ଓ ସୋଭକର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଯୌତୁକ ନିର୍ଯ୍ୟାତନା ଅଭିଯୋଗରେ ସ୍ୱାମୀ ଓ ଶ୍ୱଶୁର ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଅରିମୁଳ ଗ୍ରାମରେ ବିବାହିତା ମହିଳାଙ୍କୁ ଯୌତୁକ ନିର୍ଯ୍ୟାତନା ଦେବା ଅଭିଯୋଗରେ ସ୍ୱାମୀ ଓ ଶ୍ୱଶୁର ଗିରଫ ହୋଇଥିବା ଜଣାପଡିଛି । ଅରିମୁଳ ଗ୍ରାମର କୃଷ୍ଣ ଚନ୍ଦ୍ର ବାରିକଙ୍କ ପୁଅ ମିଥୁନ ବାରିକ(୩୦) ଦେଡ ବର୍ଷ ପୁର୍ବେ ଢେଙ୍କାନାଳ ଜିଲ୍ଲା ନିହଳପ୍ରସାଦ ଥାନା ଚଡକମରା ଗ୍ରାମର କ୍ଷିରୋଦ ପାଣ୍ଡବଙ୍କ ଝିଅଙ୍କୁ ବୈଦିକମତେ ବିବାହ କରିଥିଲେ । ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା । ତେବେ ବିବାହର ୧ ବର୍ଷ ପରେ ଅଧିକ ଯୌତୁକ ଦାବି କରି ଶ୍ୱଶୁର ଘର ପକ୍ଷରୁ ବୋହୁଙ୍କୁ ଶାରିରିକ ଓ ମାନସିକ ନିର୍ଯ୍ୟାତନା ଦିଆଯାଉଥିଲା । ଏନେଇ ମହିଳା ଜଣକ ତାଙ୍କ ବାପା କ୍ଷିରୋଦ ପାଣ୍ଡବଙ୍କୁ ଜଣାଇବା ପରେ ସେ ଜେନାପୁର ଥାନାରେ ଅଭିଯୋଗ କରିଥିଲେ । ଜେନାପୁର ଥାନା ପୁଲିସ ୧୯୯/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାପା କୃଷ୍ଣ ଚନ୍ଦ୍ର ଓ ପୁଅ ମିଥୁନକୁ ଗିରଫ କରି ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଜୁଲାଇ ମାସରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା, ଚାଷୀ ମନରେ ଆନନ୍ଦ

ଧର୍ମଶାଳା, (ପିଏନ୍): ଚଳିତ ଥର ବର୍ଷା ଋତୁ ଆରମ୍ଭରୁ ସ୍ୱଭାବିକ ଠାରୁ କମ ପରିମାଣର ବର୍ଷା ଯୋଗୁ ଧାନଚାଷ ବାଧାପ୍ରାପ୍ତ ହେବା ନେଇ ଅଶଙ୍କା ପ୍ରକାଶ ପାଇଥିଲା । ଗତବର୍ଷ ଜୁନ ମାସରେ ୨୬୮ ମିଲିମିଟର ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ଜୁନ ମାସରେ ୧୨୨ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା । ଯାହାକି ସ୍ୱାଭାବିକ ବର୍ଷା ଠାରୁ ଖୁବ କମ ପରିମାଣର ବର୍ଷା ଯୋଗୁ ଧାନଚାଷ ବାଧାପ୍ରାପ୍ତ ହୋଇଥିଲା । ଫଳରେ ଚାଷୀମାନଙ୍କ ମଧ୍ୟରେ ନିରାଶା ଦେଖାଦେଇଥିଲା । ତେବେ ଗତ ବର୍ଷ ଜୁଲାଇ ମାସ ୨୪ ତାରିଖ ସୁଦ୍ଧା ୧୦୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା ବେଳେ ଚଳିତ ବର୍ଷ ଜୁଲାଇ ମାସ ୨୪ ତାରିଖ ସୁଦ୍ଧା ୩୧୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଯାହାକି ଆବଶ୍ୟକତା ଠାରୁ ବହୁ ଅଧିକ ବର୍ଷା ହୋଇଥିବା ନେଇ ଚଷୀମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଅବଶ୍ୟକ ବର୍ଷା ହେତୁ ଚାଷୀମାନେ ଖେଳୁଆ, ବିଡା କରିବା ସହିତ ବିଲରେ ତଳି ପକାଇବା ଆରମ୍ଭ କରିଦେଇଛନ୍ତି । ଧର୍ମଶାଳା ବ୍ଲକରେ ଚଳିତ ବର୍ଷ ୧୨ ହଜାର ୬ଶହ ହେକ୍ଟର ଜମିରେ ଧାନ ଚାଷ କରିବାକୁ ଲକ୍ଷଧାର୍ଯ୍ୟ କରାଯାଇଛି । ୩୫୮୦ ହେକ୍ଟର ଜମି କୁ କେନାଲ ମାଧ୍ୟମରେ ଜଳସେଚନର ବ୍ୟବସ୍ଥା ରହିଥିବା ବେଳେ ଅନ୍ୟ ଜମିଗୁଡିକ ବର୍ଷା ଉପରେ ନିର୍ଭର କରିଥାନ୍ତି । ତେବେ ଚଳିତଥର ଜୁଲାଇ ମାସରେ ସ୍ୱାଭାବିକ ବର୍ଷା ହୋଇଥିବାରୁ ଉକ୍ତ ଜମି ଗୁଡିକରେ ଧାନ ଫସଲ ସ୍ୱଭବିକ ହେବା ନେଇ ଆଶଙ୍କା କରାଯାଇଛି । ସେହିପରି ଧର୍ମଶାଳା ବ୍ଲକର ଚାଷ ଜମି ଗୁଡିକ କେନାଲ ମାଧ୍ୟମରେ ଜଳସେଚନ କରିବା ପାଇଁ ବିରୁପା ନଦୀରୁ ବାହାରିଥିବା ହାଇଲେବୁଲ କେନାଲରେ ଗତ ୧୦ ତାରିଖରୁ ପାଣି ଛଡା ଯାଇଛି । ଲଗାଣ ବର୍ଷା ଲାଗିରହିଥିବାରୁ ସାଖା କେନାଲ ଗୁଡିକରେ ପାଣି ଛଡାଯାଇ ନାହିଁ । ତେବେ ଅବଶ୍ୟକ ପଡିଲେ ଶାଖା କେନାଲ ଗୁଡିକରେ ପାଣି ଛଡାଯିବ ବୋଲି ଜାରକା ଜଳସେଚନ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଇଂ କାମଦେବ ଦାସ ସୂଚନା ଦେଇଛନ୍ତି ।

## ଜଗନ୍ନାଥଜୀଉ କଲେଜରେ +୩ କଳାରେ ନାମଲେଖା ବନ୍ଦ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଚଢେଇଧରାସ୍ଥିତ ଜଗନ୍ନାଥଜିଉ କଲେଜରେ +୩ କଳାରେ ଚଳିତ ଶିକ୍ଷା ବର୍ଷ ପାଇଁ ନାମ ଲେଖାକୁ ବନ୍ଦ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରିକରାଯାଇଛି । ଏହି କଲେଜରେ ୨୦୦୭/୦୮ ଶିକ୍ଷା ବର୍ଷରେ ପ୍ରଥମ କରି +୩ରେ ୬୪ଜଣ ଛାତ୍ରଛାତ୍ରୀ ନାମଲେଖାଇବାଇବା ପାଇଁ ଅନୁମତି ମିଳିଥିଲା । ଏହି କଲେଜରୁ ଅଦ୍ୟାବଧି ୫ଟି ବ୍ୟାଚର ଛାତ୍ରଛାତ୍ରୀମାନେ ଉତିର୍ଣ୍ଣ ହୋଇସାରିଛନ୍ତି । ତେବେ ଏହି କଲେଜରେ ଚଳିତ ବର୍ଷ ଠାରୁ ନାମଲେଖା ବନ୍ଦ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଯାହାକୁ ନେଇ ସ୍ଥାନୀୟ ଅଂଚଳର ଅବିଭାବକ ଓ ଛାତ୍ରଛାତୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଅନୁସାରେ କଲେଜ ପାଇଁ ଆବଶ୍ୟକ ଜମି ଓ ପରିଚାଳନା କମିଟି ଗଠନ ହୋଇ ନପରିବାରୁ ଉଚ୍ଚଶିକ୍ଷା ବିଭାଗ ୨୦୨୨/୨୩ ଶିକ୍ଷାବର୍ଷରେ ନାମଲେଖା କୁ ବନ୍ଦ କରିଥିବା ଜଣାପଡିଛି । କଲେଜଟି ଅଦିବାସୀ ବହୁଳ ଅଂଚଳରେ ରହିଥିବା ରୁ ଗରିବ ଶ୍ରେଣୀର ପିଲାମାନେ ଅଳ୍ପ ଖର୍ଚ୍ଚରେ ଉଚ୍ଚଶିକ୍ଷା ପାଇପାରୁଥିଲେ । ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ଦୃଷ୍ଟିଦେଇ ଏଭଳି ନିଷ୍ପତିକୁ ବାତିଲ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଳି ସଭା

ଧର୍ମଶାଳା,(ପିଏନ୍): ଧର୍ମଶାଳାର ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ ଏବଂ ରାଜ୍ୟସଭା ସାଂସଦ ସ୍ୱର୍ଗତ କଳ୍ପତରୁ ଦାସଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ଆଜି ଅପରାହ୍ନ ୪ଘଟିକା ସମୟରେ କଳ୍ପତରୁ ଦାସ ଷ୍ଟାଡିୟମ୍ ଜାରକା ଠାରେ ଶ୍ରଦ୍ଧାଳି ସଭାର ଆୟୋଜନ କରାଯାଇଥିଲା । ବ୍ଲକ୍ ବିଜେଡ଼ି ସଭାପତି ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଳି ସଭାକୁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଉଦ୍‌ଘାଟନ କରିଥିଲେ । ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଯାଜପୁର ପୂର୍ବତନ ସାଂସଦ ରୀତା ତରାଇ ଓ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ସମ୍ମାନୀତ ଅତିଥିଭାବ ଯୋଗଦେଇ ସ୍ୱର୍ଗତ ଦାସଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ଧର୍ମଶାଳା ପ□ାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ୍ ଅଧକ୍ଷ ଅରୁଣ କୁମାର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ନରେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଜିଲ୍ଲା ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ପ୍ରଣତୀ ଲେଙ୍କା, ମମତା ଖୁ□ିଆ, ଶଶୀରେଖା ପୃଷ୍ଟି, ଯୁବ ସଭାପତି କ୍ଷିତୀଶ କୁମାର ନାୟକ, ବ୍ଲକ ଛାତ୍ର ସଭାପତି ଜଗଦାନନ୍ଦ ରାଉତ, ଜିଲ୍ଲା ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଗାର୍ଲସ ୱିଙ୍ଗ୍ ସଭାପତି କ୍ଷିରାବ୍ଧୀ ତନୟା ମଲ୍ଲିକ୍, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ନିର୍ବାଚନ ମଣ୍ଡଳୀ ମହିଳା ସଭାପତି ରେଣୁବାଳା ଶତପଥୀ, ମହିଳା ବ୍ଲକ୍ ସଭାପତି ବିଶ୍ୱବନ୍ଦନା ଜେନା, ରାଜ୍ୟ ମହିଳା ସାଧାରଣ ସମ୍ପାଦକ ମମତା ଦଣ୍ଡପାଟ, ଜୋନ ସଂଯୋଜକ ଉତ୍କଳମଣୀ ଦାସ, ନିରନ ରାଉତ, ବିକାଶ ଦାସ, ପ୍ରହଲ୍ଲାଦ ଲେଙ୍କା, ଦୁଃଶାସନ ସାହୁ, ମଦନ ମୋହନ ନାୟକ, ପିତାମ୍ବର ନାୟକ, ବିକ୍ରମ ବିଶ୍ୱାଳ, ଚନ୍ଦ୍ରଶେଖର ସ୍ୱାଇଁ, ଲୋକନାଥ ପଣ୍ଡା, ବିମ୍ବାଧର ବିଶ୍ୱାଳ, ଶେଖ୍ ମୋଇଉଦ୍ଦିନ, ସନ୍ତୋଷ କୁମାର ଜେନା ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଳି ଜଣାଇଥିଲେ । ବିଜେଡ଼ି ନେତା ଅମରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray